RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -152 ସଂଖ୍ୟା-୧୫୨
ଭୁବନେଶ୍ୱର, ଗୁରୁବାର ୨୭ ଅଗଷ୍ଟ ୨୦୨୬
Bhubaneswar, Thursday 27 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ନେପାଳରେ ଜଳ ପ୍ରଳୟର ଛାତି ଥରାଇ ଦେବା ଭଳି ରୂପ

କାଠମାଣ୍ଡୁ, ୨୬।୮ : ସବୁ କିଛି ଉଜାଡି ଦେଇଛି ଜଳ ପ୍ରଳୟ। ମାତ୍ର କିଛି ସେକେଣ୍ଡ ଭିତରେ ବଦଳି ଯାଇଛି ସବୁ କିଛି। ନେପାଳରେ ମୃତ୍ୟୁର ତାଣ୍ଡବ ରଚିଛି ଭୋଟେ କୋଶି ନଦୀରେ ଆସିଥିବା ଅଚାନକ ବନ୍ୟା।ରାସୁଓ୍ୱା, ନୁଓ୍ୱାକୋଟ ଓ ଧାଡିଙ୍ଗ ଜିଲ୍ଲା ବନ୍ୟାଯୋଗୁ ଏକ ପ୍ରକାରର ମାଟିରେ ମିଶି ଯାଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୯୫ ଜଣ ପ୍ରାଣ ହରାଇଥିବେ ବେଳେ ନିଖୋଜ ହୋଇ ଯାଇଛନ୍ତି ଶହଶହ ଲୋକ। ଏମାନଙ୍କ ମଧ୍ୟରେ ଅଛନ୍ତି ୧୦୫ ଜଣ ଭାରତୀୟ।

ତିବ୍ବତୀ ପାର୍ଶ୍ୱରୁ ଆସିଥିବା ବନ୍ୟା ଜଳ

## ଗଲାଣି ଶତାଧିକ ଜୀବନ, ଶହଶହ ଲୋକଙ୍କୁ ଚାଲିଛି ଖୋଜା

ନେପାଳକୁ କରି ଦେଇଛି ଛାରଖାର। ଭାସାଇ ନେଇଛି ଅନେକ ଗାଁ, ଘର, ବ୍ରିଜ୍ ଓ ଗାଡି ମୋଟର। ବିଦ୍ୟୁତ ପ୍ରକଳ୍ପ ଓ ସାଧାରଣ ଲୋକ ମଧ୍ୟ ପ୍ରକୃତିର ଏହି ପ୍ରଳୟଙ୍କରୀ ରୂପରୁ ବର୍ତ୍ତି ନାହାନ୍ତି।

ସମୟ ସକାଳ ପ୍ରାୟ ୯ଟା। ହଠାତ୍ ତିବ୍ବତୀୟ ପାର୍ଶ୍ୱରୁ ହଠାତ୍ ଘୁଘୁ ହୋଇ ବର୍ଷା ପାଣି ଭୋଟେ କୋଶି ନଦୀରେ ପଶିଥିଲା। ଏହାପରେ ନେପାଳରେ ରଚିଥିଲା ମୃତ୍ୟୁର ତାଣ୍ଡବ। ରାସୁଓ୍ୱା, ନୁଓ୍ୱାକୋଟ୍ ଓ ଧାଡିଙ୍ଗ୍ ଜିଲ୍ଲାର ଅନେକ ଅଞ୍ଚଳକୁ ପ୍ରଳୟଙ୍କରୀ ଜଳସ୍ରୋତରେ ପୂରା ଛାରଖାର କରିଦେଇଛି।ନଦୀକୂଳିଆ ଅନେକ ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୬ଟି ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା





କରାଯାଉଛି। ନେପାଳର ରାସୁଓ୍ୱାରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ, ଚିତଓ୍ୱାନରୁ ୧୮ଟି, ଗୋର୍ଖା ୯ଟି, ନୁଓ୍ୱାକୋଟରୁ ୧୧ଟି ଓ ଧାଡିଙ୍ଗରୁ ଉଦ୍ଧାର ହୋଇଛି ୧୬ଟି ମୃତଦେହ। ଏହା ବ୍ୟତୀତ ନେପାଳ ପୁଲିସ ଓ ଆର୍ମଡ୍ ପୁଲିସ ଫୋର୍ସର ୩୨ ଜଣ ସୁରକ୍ଷାକର୍ମୀ ନିଖୋଜ ଅଛନ୍ତି।ନେପାଳ ଟୁରିଜିମ୍ ବୋର୍ଡ ଅନୁସାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ୨୯୧ ଜଣ ବିଦେଶୀ ଓ ୯୩ ଜଣ ନେପାଳୀ ନାଗରିକଙ୍କ ସମେତ ମୋଟ ୩୮୪ ଜଣ ପର୍ଯ୍ୟଟକ ନିଖୋଜ ରହିଛନ୍ତି। ବିଦେଶୀଙ୍କ ମଧ୍ୟରେ ୧୦୫ ଜଣ ଭାରତୀୟ ନାଗରିକ ରହିବା ସମସ୍ତଙ୍କ ଚିନ୍ତା ବାଇ ଦେଇଛି।

ଉଦ୍ଧାର କାର୍ଯ୍ୟ ପାଇଁ ନେପାଳ ସରକାର ସେନା ହେଲିକପ୍ଟର ଓ ବିପର୍ଯ୍ୟୟ ପ୍ରଶମନ ଦଳକୁ ନିୟୋଜିତ କରିଛନ୍ତି। କ୍ଷୟକ୍ଷତିର ତଥ୍ୟ ସଂଗ୍ରହଣ କରୁଥିବା ସୂଚନା ଦେଇଛନ୍ତି। ବୁଧବାର ନେପାଳର ଉତ୍ତର ପ୍ରାନ୍ତରେ ଆସିଥିବା ଏହି ଭୟଙ୍କର ବନ୍ୟାରେ ରାସ୍ତାଘାଟ ଓ ବିଦ୍ୟୁତ୍ ଭିତ୍ତିଭୂମିକୁ ମଧ୍ୟ ନଷ୍ଟ ହୋଇଛି। ନେପାଳ ଇଲେକ୍ଟ୍ରିସିଟି ଅଥରିଟି କହିଛି ଯେ ରସୁଓ୍ୱାଗଢ଼ି, ଚିଲିମେ, ତ୍ରିଶୂଳୀ ୩ଏ, ତ୍ରିଶୂଳୀ ୩ବି ହବ୍ ୨୨୦ କେବି ସବଷ୍ଟେସନ୍, ତ୍ରିଶୂଳୀ ଜଳ ବିଦ୍ୟୁତ୍ କେନ୍ଦ୍ର ଓ ଦେବୀଘାଟ ଜଳବିଦ୍ୟୁତ୍ କେନ୍ଦ୍ର ଭଳି ୬ଟି ପ୍ରମୁଖ ପ୍ରକଳ୍ପ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ଏହାଯୋଗୁ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହୋଇଛି। ଅନେକ ଜାତୀୟ ରାଜପଥକୁ ମଧ୍ୟ ସ୍ଥିତିକୁ ଦେଖି ବନ୍ଦ କରିଦିଆଯାଇଛି।

ସୋଶାଲ ମିଡିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ସମସ୍ତଙ୍କୁ ବିଚଳିତ କରିଛି। ପାହାଡରୁ କାଦୁଅ ପାଣିର ପ୍ରବଳ ସ୍ରୋତ କେମିତି ଗୋଟିଏ ପରେ ଗୋଟିଏ ଜଳବସତିକୁ କବଜା କରୁଛି, ତାହା ଦେଖିବାକୁ ମିଳିଛି। ସେହିପରି ଲୋକମାନେ ପ୍ରାଣ ବିକଳରେ ଦୌଡୁଥିବା ବେଳେ ସେମାନଙ୍କୁ ଏହା ଭସାଇ ନେଉଥିବା ଦେଖାଯାଉଛି। ଅନେକ ବ୍ରିଜ ଓ ଗାଡି ମଧ୍ୟ ପ୍ରଳୟଙ୍କରୀ ବନ୍ୟାରେ ଭାସି ଯାଇଛି।

ଏପଟେ ସୀମାନ୍ତ ଅଞ୍ଚଳରେ ଜଳସ୍ତର କ୍ରମାଗତ ଭାବେ ବଢୁଥିବାରୁ ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ନେପାଳ ସୀମାନ୍ତ ଭାରତର ଉତ୍ତର ପ୍ରଦେଶ ଓ ବିହାରରେ ମଧ୍ୟ ଆଲର୍ଟ ଜାରି କରାଯାଇଛି।

## ଆଜି ଆମ ବସ୍‌ରେ ମାଗଣାରେ ଯାତ୍ରା କରିପାରିବେ ମହିଳା

ଭୁବନେଶ୍ୱର, ୨୬।୮(ନି.ପ୍ର.) ପବିତ୍ର ରକ୍ଷା ବନ୍ଧନ ଅବସରରେ ମହିଳା ଯାତ୍ରୀଙ୍କ ପାଇଁ ୨୭ ଅଗଷ୍ଟ ୨୦୨୬ରେ ଆମ ବସ୍ ରେ ଦେୟମୁକ୍ତ ଯାତ୍ରା ସୁବିଧା ଘୋଷଣା କରିଛି କମ୍ପ୍ରେହେନ୍ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ।ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝର ସହରରେ ଚଳାଚଳ କରୁଥିବା ସମସ୍ତ ଆମ ବସ୍ ରେ ଏହି ସୁବିଧା ଉପଲବ୍ଧ ହେବ । ଏହାଦ୍ୱାରା ଦିନକରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି । ଜିପିଏସ୍ ଆଧାରିତ ବସ୍ ଟ୍ରାକିଂ,ସିସିଟିଭି ନିରୀକ୍ଷଣ, ପ୍ରଶିକ୍ଷିତ ବସ୍ କର୍ମଚାରୀ ଓ ଯାତ୍ରୀ ସହାୟତା ବ୍ୟବସ୍ଥା ଭଳି ସୁବିଧା ସହ ଆମ ବସ୍ ସେବାକୁ ଅଧିକ ନିରାପଦ ଓ ନିର୍ଭରଯୋଗ୍ୟ କରାଯାଉଛି । କ୍ରୁଟ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସିଦ୍ଦିକ୍ ଆଲମ୍ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନିଆଯାଇଥିବା ଏହି ପଦକ୍ଷେପ ମହିଳାମାନଙ୍କୁ ନିରାପଦ, ସୁଲଭ ଓ ସମ୍ମାନଜନକ ଯାତାୟାତ ସୁବିଧା ପ୍ରଦାନ ଦିଗରେ କ୍ରୁଟ୍ ର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବ ।

ଦେୟମୁକ୍ତ ଯାତ୍ରା ସତ୍ତ୍ୱେ 'ଜିରୋ ଟିକେଟ୍' ନେବା ମହିଳା ଯାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ। ଏଥିସହ ସମସ୍ତ ଯାତ୍ରୀଙ୍କୁ ବସ୍ କର୍ମଚାରୀଙ୍କ ସହଯୋଗ କରିବା ଏବଂ ଯାତ୍ରୀ ଶିଷ୍ଟାଚାର ପାଳନ କରିବାକୁ କ୍ରୁଟ୍ ପକ୍ଷରୁ ଅନୁରୋଧ କରାଯାଇଛି। ପବିତ୍ର ରକ୍ଷା ବନ୍ଧନ ଦିନଟିକୁ ସ୍ମରଣୀୟ କରିବା ନିମନ୍ତେ ମହିଳାମାନଙ୍କୁ ଆମ ବସ୍ ଯାତ୍ରାର ସାଥୀ କରି ନିରାପଦ, ସୁବିଧାଜନକ ଓ ଚିନ୍ତାମୁକ୍ତ ଯାତ୍ରାର ଅନୁଭୂତି ନେବାକୁ କ୍ରୁଟ୍ ଆହ୍ୱାନ କରିଛି ।

## ପ୍ରଭୁ ଜଗନ୍ନାଥଙ୍କ ଆନିମେଟେଡ୍ ଫିଲ୍ମକୁ ନେଇ ଆପତି ପ୍ରକାଶ କଲେ ଶଙ୍କରାଚାର୍ଯ୍ୟ

ଭୁବନେଶ୍ୱର, ୨୬।୮(ନି.ପ୍ର.): ପ୍ରଭୁ ଜଗନ୍ନାଥଙ୍କ ଉପରେ ଆଧାରିତ ଆନିମେଟେଡ୍ ଫିଲ୍ମ 'ଜୟ ଜଗନ୍ନାଥ'କୁ ନେଇ ବିବାଦ ଦେଖାଦେଇଛି। ଗୋବର୍ଦ୍ଧନ ମଠର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏହି ଫିଲ୍ମ ଏବଂ ଏହାର ଆନିମେଟେଡ୍ ଉପସ୍ଥାପନାକୁ ନେଇ ତୀବ୍ର ଆପତି କରିଛନ୍ତି।

ଗଜପତି ମହାରାଜାଙ୍କ ଆବାସିକ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ପ୍ରେସ୍ ରିଲିଜ୍ ଅନୁଯାୟୀ, ପୁରୀର ଶଙ୍କରାଚାର୍ଯ୍ୟ ଭୁବନେଶ୍ୱରର ଏଲି ଆନିମେସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଆନିମେଟେଡ୍ ପ୍ରଯୋଜନା ଉପରେ ତାଙ୍କର ମତ ପ୍ରକାଶ କରିଛନ୍ତି। ଏହା ପରେ, ପୁରୀର ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଜପତି ମହାରାଜା ଦିବ୍ୟ ସିଂହ ଦେବଙ୍କୁ ଶଙ୍କରାଚାର୍ଯ୍ୟଙ୍କ ମତ ଏବଂ ନିଷ୍ପତି ବିଷୟରେ ଅବଗତ କରାଇଛି।

ଶଙ୍କରାଚାର୍ଯ୍ୟ ଅଭିଯୋଗ କରିଛନ୍ତି ଯେ ଆନିମେଟେଡ୍ ଫିଲ୍ମରେ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣ ଶାସ୍ତ୍ରରେ ନିର୍ଦ୍ଧାରିତ ରୂପ ଏବଂ ପରମ୍ପରା ସହିତ ଅସଙ୍ଗତ। ସେ ଏହିପରି ଚିତ୍ରଣକୁ 'ଅକ୍ଷମଣୀୟ' ଅପରାଧ ବୋଲି କହି ଚଳଚ୍ଚିତ୍ରର ମୁକ୍ତି ଏବଂ ସମସ୍ତ ଗଣମାଧ୍ୟମରେ ଏହାର ପ୍ରସାରଣ ଉପରେ ନିଷେଧ କରିବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ଧାର୍ମିକ ପରମ୍ପରା ଏବଂ ପ୍ରତିଷ୍ଠିତ ବିଶ୍ୱାସକୁ ପାଳନ ନକରି ଦେବତାମାନଙ୍କୁ ଭିନ୍ନ କିମ୍ବା ବିକୃତ ଭାବରେ ଚିତ୍ରଣ କରିବା ଏକ ଗମ୍ଭୀର ବିଷୟ। ଏପରି ଚିତ୍ରଣକୁ ଧାର୍ମିକ, ଦାର୍ଶନିକ ଏବଂ ବ୍ୟବହାରିକ ସ୍ତରରେ ଗମ୍ଭୀରତାର ସହିତ ବିଚାର କରାଯିବା ଉଚିତ।

ଶଙ୍କରାଚାର୍ଯ୍ୟଙ୍କ ଅନୁସାରେ, ପ୍ରଭୁ ଜଗନ୍ନାଥଙ୍କ ସହିତ ଜଡିତ ସଂସ୍କୃତି, ଦର୍ଶନ ଏବଂ ପୂଜା ପ୍ରଥାଗୁଡ଼ିକର ନିଜସ୍ୱ ପ୍ରତିଷ୍ଠିତ ପରମ୍ପରା ଅଛି। ସେ ବିଶ୍ୱାସ କରନ୍ତି ଯେ ପ୍ରଭୁ ଜଗନ୍ନାଥଙ୍କୁ ଏହି ପରମ୍ପରାରୁ ବିଚ୍ୟୁତ କରି ଚିତ୍ରଣ କରିବା ଦ୍ୱାରା ଭବିଷ୍ୟତ ପିଢ଼ିରେ ପ୍ରଭୁ ଜଗନ୍ନାଥଙ୍କ ପାରମ୍ପରିକ ବୁଝାମଣା ପ୍ରଭାବିତ ହୋଇପାରେ।

ମୁକ୍ତିମଣ୍ଡପ ପଣ୍ଡିତ ସଭା ମଧ୍ୟ ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତିର ପୁନର୍ବିଚାର ଦାବି କରିଛି, ଯାହା ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ ରୋକ ଲଗାଇବାକୁ ମନା କରିଥିଲା।

ଶଙ୍କରାଚାର୍ଯ୍ୟ ମଧ୍ୟ ପ୍ରଭୁ ଜଗନ୍ନାଥଙ୍କ 'ଦାରୁ ବ୍ରହ୍ମ' ରୂପର ଚିତ୍ରଣ ଉପରେ ଗମ୍ଭୀର ଆପତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଅଥର୍ବବେଦ ପରିଶିଷ୍ଟ, ଗୋପାଳ ସହସ୍ରନାମ ଏବଂ ଅନ୍ୟାନ୍ୟ ଶାସ୍ତ୍ରରେ ବର୍ଣ୍ଣିତ ଦାରୁ ବ୍ରହ୍ମ ରୂପକୁ ବିକୃତ ଭାବରେ ଉପସ୍ଥାପନ କରିବା ଅନୁପଯୁକ୍ତ। ସେ ଏହାକୁ ଏକ ଗମ୍ଭୀର ଧାର୍ମିକ ଏବଂ ମାନବାଧିକାର ପ୍ରସଙ୍ଗ ଭାବରେ ବର୍ଣ୍ଣନା କରିଥିଲେ। ସେ ନ୍ୟାୟପାଳିକାର ଭୂମିକା ଏବଂ ଧାର୍ମିକ ପ୍ରସଙ୍ଗରେ ଏହାର ସୀମା ଉପରେ ମଧ୍ୟ ନିଜର ମତ ପ୍ରକାଶ କରିଥିଲେ।ଶଙ୍କରାଚାର୍ଯ୍ୟ କହିଥିଲେ ଯେ ସନାତନ ବୈଦିକ ପରମ୍ପରାର ଧାର୍ମିକ ନେତା ଏବଂ ଅନୁଗାମୀମାନେ ନ୍ୟାୟପାଳିକାର କାର୍ଯ୍ୟକାରିତାକୁ ଚ୍ୟାଲେଞ୍ଜ ନକରି ନ୍ୟାୟିକ ନିଷ୍ପତି ସହିତ ମତଭେଦ ପ୍ରକାଶ କରିବା ଏବଂ ଏହାର ପୁନର୍ବିଚାର ଦାବି କରିବା ଉପଯୁକ୍ତ। ସେ ତାଙ୍କ ବିବୃତିରେ ଏହା ମଧ୍ୟ କହିଥିଲେ ଯେ ଯେକୌଣସି ପ୍ରସଙ୍ଗକୁ ତଥ୍ୟ ଏବଂ ପ୍ରତିଷ୍ଠିତ ନୀତି ଉପରେ ଆଧାରିତ ହେବା ଉଚିତ। ତାଙ୍କ ଅନୁସାରେ, ଈଶ୍ୱରଙ୍କ ନିରାକାର ଏବଂ ସାକାର ରୂପ ସହିତ ଜଡିତ ଦାର୍ଶନିକ ଏବଂ ଧାର୍ମିକ ନୀତି ପ୍ରତିଷ୍ଠିତ। ସନାତନ ବୈଦିକ ଶାସ୍ତ୍ରରେ ବର୍ଣ୍ଣିତ ପ୍ରଭୁ ଜଗନ୍ନାଥ ଏବଂ ଅନ୍ୟାନ୍ୟ ଦେବତାଙ୍କ ସ୍ୱରୂପ ଏବଂ ଲୀଳାଗୁଡ଼ିକୁ ପ୍ରମାଣ କିମ୍ବା ପାରମ୍ପରିକ ଆଧାର ବିନା ଚଳନ୍ତି ପ୍ରତିଛବି ମାଧ୍ୟମରେ ଭିନ୍ନ ଭାବରେ ଉପସ୍ଥାପନ କରିବା ଉଚିତ୍ ନୁହେଁ। ସେ କୌଣସି ମାଧ୍ୟମରେ ଏପରି ଚିତ୍ରଣ ଏବଂ ବିଷୟବସ୍ତୁର ପ୍ରସାରଣ ଉପରେ ସମ୍ପୂର୍ଣ୍ଣ ନିଷେଧ କରିବାକୁ ଦାବି କରିଥିଲେ। ପ୍ରଭୁ ଜଗନ୍ନାଥଙ୍କ ଆନିମେଟେଡ୍ ଫିଲ୍ମ ଏବଂ ଧାରାବାହିକ 'ଜୟ ଜଗନ୍ନାଥ'କୁ ନେଇ ସୃଷ୍ଟି ହୋଇଥିବା ବିବାଦ ପୁଣି ଥରେ ଧାର୍ମିକ ପରମ୍ପରା, କଳାତ୍ମକ ଉପସ୍ଥାପନା ଏବଂ ବିଶ୍ୱାସ ସହିତ ଜଡିତ ପ୍ରଶ୍ନଗୁଡ଼ିକୁ ଉଠାଇଛି। ବର୍ତମାନ ଉପଲବ୍ଧ ସୂଚନା ଅନୁଯାୟୀ, ଶଙ୍କରାଚାର୍ଯ୍ୟ ପ୍ରସ୍ତାବିତ ଆନିମେଟେଡ୍ ଉପସ୍ଥାପନାରେ ପ୍ରଭୁ ଜଗନ୍ନାଥଙ୍କ କଥିତ ଚିତ୍ରଣ ଉପରେ ତାଙ୍କର ଦୃଢ଼ ଆପତି ପ୍ରକାଶ କରିଛନ୍ତି ଏବଂ ଏହାର ପ୍ରସାରଣ ଉପରେ ନିଷେଧ ଦାବି କରିଛନ୍ତି।

## ଉଭୟ ଉପର ଓ ତଳ ପଡିଆରେ ବାଲିଯାତ୍ରା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ

କଟକ୨୬।୮(ନି.ପ୍ର.): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହାସିକ କଟକ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ଅନୁଷ୍ଠିତ ହେବ ଏହି ଐତିହାସିକ ମେଳା। ବାଲିଯାତ୍ରା ପ୍ରସ୍ତୁତି ବୈଠକ ଅନେକ ନୂଆ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତନ୍ମଧ୍ୟରୁ ଉପର ପଡ଼ିଆରେ ବାଲିଯାତ୍ରାର ଆୟୋଜନ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି କଟକ ଜିଲ୍ଲା ପ୍ରଶାସନ। ଗତବର୍ଷ ବିଭିନ୍ନ କାରଣରୁ ଉପର ପଡ଼ିଆରେ ଚିରାଚରିତ ଢଙ୍ଗରେ ବାଲିଯାତ୍ରାର ଆୟୋଜନ ହୋଇ ପାରି ନ ଥିଲା। ଚଳିତ ବର୍ଷ ଉପର ପଡ଼ିଆରେ ଆୟୋଜନ ପାଇଁ ଆମେ ଉଦ୍ୟମ କରୁଛୁ ବୋଲି କହିଛି ଜିଲ୍ଲା ପ୍ରଶାସନ। ଯାହାଦ୍ୱାରା ଉଭୟ ପଡ଼ିଆରେ ବାଲିଯାତ୍ରାର ଆୟୋଜନ ହେଇପାରିବ। ଏହାବ୍ୟତୀତ ବାଲିଯାତ୍ରା ଟେଣ୍ଡର ରୂପରେଖ ଚୂଡ଼ାନ୍ତ ହୋଇସାରିଛି। ଗତ ବର୍ଷ ଯେଉଁ ପରି ଭାବରେ ଦୋଳି ଅଘଟଣ ଘଟିଲା, ତାହାକୁ ଦୃଷ୍ଟିରେ ରଖି ବିଶେଷ ପଦକ୍ଷେପ ନିଆଯାଉଛି। ଦୋଳି ଗୁଡ଼ିକ ଭିତରେ ସୁରକ୍ଷିତ ଦୂରତା ରଖା ଯିବ। ଏନେଇ ବ୍ୟବସାୟୀ ସଂଘ ସହ ଆଲୋଚନା କରାଯାଇଛି । ଏହାବ୍ୟତୀତ କଟକ ଇନ କଟକର ଥିମ ଲୋକଙ୍କ ମତ ଅନୁସାରେ ହେବ।

## ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ମାଓବାଦୀ ଡମ୍ପ ଠାବ

ମାଲକାନଗିରି ,୨୬।୮(ନି.ପ୍ର.) ଆତ୍ମସମର୍ପଣ କରିଥିବା ମାଓବାଦୀ ମାନଙ୍କୁ ପଚରାଉଚରା ଆଧାରରେ, ମାଲକାନଗିରି ଜିଲ୍ଲା ମାଥିଲି ଥାନା ସୀମା ଅନ୍ତର୍ଗତ ଚେରକୋଟଲା, କିରମିଟି, କଟୁଆପଦର , କଦଭାଟା ଜଙ୍ଗଲ ଅଞ୍ଚଳରେ ମାଲକାନଗିରିର ଡ଼ିଭିଏଫ ଜବାନ ମାନେ ଙ୍କ ଦ୍ୱାରା ସର୍ଚ୍ଚ ଅପରେସନ କରାଯାଇଥିଲା। ଏହି ଅଭିଯାନରେ ବସ୍ତର ଜିଲ୍ଲାର ଦରଭା ଥାନା ସୀମା ଏବଂ ସୁକମା ଜିଲ୍ଲା (ଛତିଶଗଡ଼)ର ପୁଷପାଲ ଥାନା ସୀମା ସହିତ ସୀମାନ୍ତବର୍ତ୍ତୀ ଉକ୍ତ ଅଞ୍ଚଳରେ ଆଜି ଭୋର ସମୟରେ ଏକ ପ୍ରମୁଖ ମାଓ ଡମ୍ପ ଠାବ କରାଯାଇଥିଲା। ଏହି ଡମ୍ପ ରୁ ଦେଶ ବନ୍ଧୁକ , ଆଇଇଡି, କ୍ଲେମର ମାଇନ, ଔଷଧ, ବ୍ୟାଟେରୀ, ମାଓ ପୋଷାକ, ପୁସ୍ତକ ସହ ବହୁ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ସନ୍ଦେହ କରାଯାଉଛି ଯେ ଏହି ସାମଗ୍ରୀଗୁଡ଼ିକ ସାଧାରଣ ନାଗରିକ ଏବଂ ସୁରକ୍ଷା ବାହିନୀକୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ ଥିଲା ।ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଉଦ୍ଧାର ହୋଇଥିବା ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଆନ୍ଧ୍ର-ଓଡିଶା ବୋର୍ଡର ଯୋନାଲ କମିଟି ମାଓ କ୍ୟାଡରମାନଙ୍କର ବୋଲି ସନ୍ଦେହ କରାଯାଉଛି।

## ରାଜ୍ୟରେ ବନ୍ୟା ଓ ଅତିପ୍ରବଳ ବର୍ଷାଜନିତ ପରିସ୍ଥିତି ନିୟନ୍ତ୍ରଣାଧୀନ

ଭୁବନେଶ୍ୱର,୨୬।୮(ନି.ପ୍ର.): ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ (ଏସଇଓସି) ପାରୁ ରାଜ୍ୟର ଲଗାଣ ବର୍ଷା ଏବଂ ବନ୍ୟା ପରିସ୍ଥିତିର ସଫଳ ପରିଚାଳନା ଅବ୍ୟାହତ ରହିଛି । ୨୬ ଅଗଷ୍ଟ ୨୦୨୬, ପୂର୍ବାହ୍ନ ୧୧ଟା ସୁଦ୍ଧା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରାଜ୍ୟର ବନ୍ୟା ଓ ବର୍ଷା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ୧୩ ଅଗଷ୍ଟରୁ ୨୬ ଅଗଷ୍ଟ ମଧ୍ୟରେ ରାଜ୍ୟର ୧୦ଟି ଜିଲ୍ଲାର ମୋଟ୍ ୯୧ଟି ବ୍ଲକ୍, ୬୦୪ଟି ଗ୍ରାମପଞ୍ଚାୟତ, ୧୮୯୫ଟି ଗ୍ରାମ ଏବଂ ୧୩,୫୦,୩୦୬ ଜଣ ଲୋକ ସାମଗ୍ରିକ ଭାବେ ପ୍ରଭାବିତ ହୋଇଛନ୍ତି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ନଦୀର ଜଳସ୍ତର ବୃଦ୍ଧି, ଜଳବନ୍ଦୀ ସମସ୍ୟା, ଘାଇ ସୃଷ୍ଟି ଏବଂ ଯୋଗାଯୋଗ ବିଚ୍ଛିନ୍ନ ଆଦି ସମସ୍ତ ସମସ୍ୟା ଉପରେ ନଜର ରଖି ସଫଳତାର ସହ ମୁକାବିଲା କରାଯାଇଛି । ବର୍ତ୍ତମାନ ସାମଗ୍ରିକ ସ୍ଥିତି ସ୍ଥିର ରହିଛି, ତଥାପି କେନ୍ଦ୍ରାପଡ଼ା, ଭଦ୍ରକ ଓ ଯାଜପୁର ଜିଲ୍ଲା ଉପରେ କଡ଼ା ନଜର ରଖାଯାଇଛି।

୨୬ ଅଗଷ୍ଟ ୨୦୨୬ ସକାଳ ୮.୩୦ ସୁଦ୍ଧା ପ୍ରାପ୍ତ ରିପୋର୍ଟ ଅନୁଯାୟୀ ବିଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୩.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ସମ୍ବଲପୁର ଜିଲ୍ଲାର ବାମରା ବ୍ଲକରେ ସର୍ବାଧିକ ୪୯.୦ ମିଲିମିଟର ବର୍ଷା ହୋଇଥିବା ବେଳେ ରାଜ୍ୟର ୩୨ଟି ବ୍ଲକ୍ ଏବଂ ୨ଟି ପୌରାଞ୍ଚଳର ୫ଟି ଷ୍ଟେସନରେ ୧୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଅନ୍ୟ ପ୍ରମୁଖ ବର୍ଷା ହୋଇଥିବା ଅଞ୍ଚଳଗୁଡ଼ିକ ମଧ୍ୟରେ ପୁରୀ ଜିଲ୍ଲାର କାକଟପୁରରେ ୪୭.୦ ମିଲିମିଟର, ରାଉରକେଲା ମ୍ୟୁନିସିପାଲ କର୍ପୋରେସନରେ ୩୩.୬ ମିଲିମିଟର, ମାଲକାନଗିରିର ଚିତ୍ରକୋଣ୍ଡାରେ ୩୩.୦ ମିଲିମିଟର ଏବଂ ଭୁବନେଶ୍ୱର ମହାନଗର ନିଗମ(ଉତ୍ତର ଅଞ୍ଚଳ) ଅଧୀନରେ ୩୩.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଅଗଷ୍ଟ ୧ ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସଞ୍ଚିତ ବର୍ଷା ପରିମାଣ ୩୪୭.୭ ମିଲିମିଟର ରହିଛି, ଯାହାକି ସ୍ୱାଭାବିକ ହାରାହାରି ୨୯୮.୬ ମିଲିମିଟର ତୁଳନାରେ ୧୬.୪% ଅଧିକ ଅଟେ। ସେହିପରି ଚଳିତ ମୌସୁମୀ ଋତୁ ଅର୍ଥାତ ୧ ଜୁନ ୨୦୨୬ ରୁ ୨୬ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ରାଜ୍ୟରେ ମୋଟ ୧୧୦୩.୯ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ହାରାହାରି ୮୪୩.୦ ମିଲିମିଟର ତୁଳନାରେ ୩୦.୯% ଅଧିକ ଅଟେ।

ମୌସୁମୀ ସମୟର ଜିଲ୍ଲାଗୁଡ଼ିକର ବର୍ଷା ସ୍ଥିତିକୁ ଦେଖିଲେ, ରାଜ୍ୟର ୨୧ଟି ଜିଲ୍ଲାରେ (ବରଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ଼, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବାଲେଶ୍ୱର, କଟକ, ସମ୍ବଲପୁର, ଢେଙ୍କାନାଳ, ଭଦ୍ରକ, ଅନୁଗୋଳ, ବଲାଙ୍ଗୀର, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ନୂଆପଡ଼ା,



ଜଗତସିଂହପୁର, ଯାଜପୁର, ଏବଂ ପୁରୀ) ସ୍ୱାଭାବିକଠାରୁ ଅଧିକ ବର୍ଷା (+୧୯% ରୁ ଅଧିକ) ହୋଇଛି। ଅବଶିଷ୍ଟ ୯ଟି ଜିଲ୍ଲାରେ (ଝାରସୁଗୁଡ଼ା, କନ୍ଧମାଳ, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ଏବଂ ଗଜପତି) ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର କୌଣସି ବି ଜିଲ୍ଲାରେ ନିଅଣ୍ଟିଆ କିମ୍ବା ସ୍ୱଳ୍ପ ବର୍ଷା ସ୍ଥିତି ଉପୁଜି ନାହିଁ। ବର୍ତ୍ତମାନର ରିପୋର୍ଟ ଅନୁଯାୟୀ ୩ଟି ଜିଲ୍ଲା ଯଥା କେନ୍ଦ୍ରାପଡ଼ାର ୫ଟି ବ୍ଲକ୍ , ଭଦ୍ରକର ୨ଟି ବ୍ଲକ୍ ଏବଂ ଯାଜପୁରର ୨ଟି ବ୍ଲକ୍ ବନ୍ୟା ଦ୍ୱାରା ପ୍ରଭାବିତ ଥିବା ବେଳେ ୬୮ଟି ଗ୍ରାମପଞ୍ଚାୟତର ୧୮୯ଟି ଗ୍ରାମର ୮୦୨୮୪ ଲୋକ ପ୍ରଭାବିତ ଅଛନ୍ତି । ବର୍ତ୍ତମାନ ୮୭ଟି ଫ୍ରି କିଚେନ୍ ମାଧ୍ୟମରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ୧,୦୨,୪୮୧.୫ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି । ବର୍ତ୍ତମାନର ରିପୋର୍ଟ ଅନୁଯାୟୀ ୨୧ଟି ଓଡ୍ରାଫ, ୧ଟି ଏନଡିଆରଏଫ, ୩୩ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ୨ଟି ପୋଲିସ/ସିଭିଲ ଡିଫେନ୍ସ/ସ୍ଥାନୀୟ ଟିମକୁ ମିଶାଇ ସମୁଦାୟ ୫୭ଟି ଟିମ୍ ନିୟୋଜିତ ଅଛନ୍ତି । କେନ୍ଦୁଝରର ଆନନ୍ଦପୁରଠାରେ ବୈତରଣୀ ବାମପାର୍ଶ୍ୱରେ ଏବଂ ଯାଜପୁର ତାରାପଡ଼ା ଗ୍ରାମପଞ୍ଚାୟତ ଠାରେ ବୈତରଣୀ-କାଣୀର ଡାହାଣପାର୍ଶ୍ୱରେ ସୃଷ୍ଟ ଘାଇ ଉପରେ କଡ଼ା ନଜର ରଖାଯାଇଛି ।

ସଦ୍ୟ ପ୍ରକାଶିତ ତଥ୍ୟ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକ୍, ୩୦ଟି ଗ୍ରାମ ପଞ୍ଚାୟତର ୫୫ଟି ଗ୍ରାମ ଏବଂ ୪,୭୧୦ ଜଣ ଲୋକ ପ୍ରଭାବିତ ଥିବା ବେଳେ ଭଦ୍ରକ ଜିଲ୍ଲାର ୨ଟି ବ୍ଲକ୍, ୧୮ଟି ଗ୍ରାମ ପଞ୍ଚାୟତ, ୭୦ଟି ଗ୍ରାମ ଏବଂ ୨୫,୪୩୨ ଜଣ ଲୋକ ପ୍ରଭାବିତ ଅଛନ୍ତି । ଯାଜପୁର ଜିଲ୍ଲାର ୨ଟି ବ୍ଲକ୍, ୨୦ଟି ଗ୍ରାମ ପଞ୍ଚାୟତ, ୬୪ଟି ଗ୍ରାମ ଏବଂ ୫୦,୧୪୨ ଜଣ ଲୋକ ପ୍ରଭାବିତ ଅଛନ୍ତି ।ବର୍ତ୍ତମାନ ପର୍ଯ୍ୟନ୍ତ ସମୁଦାୟ ୪୧,୭୬୧ ଜଣ ଉଦ୍ଧାର ହୋଇଥିବା ବେଳେ ୭୬,୦୫୧ ଜଣଙ୍କୁ ଡଙ୍ଗା ଦ୍ୱାରା ସ୍ଥାନାନ୍ତରଣ କରାଯାଇଛି । ୭୭୫ଟି ବିଚ୍ଛିନ୍ନ ଗ୍ରାମକୁ ଯୋଗାଯୋଗ ସଂଯୋଗ କରାଯାଇଥିବା ବେଳେ ୨୧୫ ଜଣଙ୍କୁ ଜରୁରିକାଳୀନ ଚିକିତ୍ସା ନିମନ୍ତେ ସ୍ଥାନାନ୍ତରଣ କରାଯାଇଛି । ଉଦ୍ଧାର କାର୍ଯ୍ୟରେ ସମୁଦାୟ ୨୧୦ଟି ଡଙ୍ଗା ମୁତୟନ କରାଯାଇଛି ।

ସେହିପରି ଆଜି ୨୫,୭୨୦ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ସମୁଦାୟ ୫,୨୫,୩୯୬ ଜଣଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ସମୁଦାୟ ୧.୫ କ୍ୱିଣ୍ଟାଲ ଚାଉଳ, ୬୩୪୬.୭୬ କ୍ୱିଣ୍ଟାଲ ଚୁଡ଼ା, ୬୩୨.୦୧ କ୍ୱିଣ୍ଟାଲ ଗୁଡ଼ ଏବଂ ଆଜି ୪୨୯ଟି (ସମୁଦାୟ ୧୦,୫୧୯ଟି) ପଲିଥିନ୍ ସିଟ୍/ରୋଲ୍ ବଣ୍ଟାଯାଇଛି। ଆଶ୍ରୟସ୍ଥଳୀ ଗୁଡ଼ିକରେ ପିଇବା ପାଣି, ପରିମଳ, ଆଲୋକ, ଚିକିତ୍ସା ସୁବିଧା ଏବଂ ଶିଶୁ, ଗର୍ଭବତୀ, ବୃଦ୍ଧ ଓ ଭିନ୍ନ ।ମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ୮୬୧୧ଟି ଟ୍ୟୁବଓ୍ୱେଲ୍ ଓ ୨୪୫ଟି ପିଡବ୍ଲୁଏସ ପ୍ରକଳ୍ପ ପ୍ରଭାବିତ ହୋଇଥିବା ବେଳେ ୫୮୧୬ଟି ଟ୍ୟୁବଓ୍ୱେଲ୍ ଓ ୧୪୪ଟି ପିଡବ୍ଲୁଏସ ବିଶୋଧିତ/ପୁନରୁଦ୍ଧାର କରାଯାଇଛି। ୭୬ଟି ଓ୍ୱାଟର ଟ୍ୟାଙ୍କର, ୧୦,୨୮,୨୬୪ଟି ପାଣି ବୋତଲ/ପାଉଚ୍ ବଣ୍ଟାଯାଇଛି ଏବଂ ୬ଟି ମୋବାଇଲ୍ ଓ୍ୱାଟର ଟ୍ରିଟମେଣ୍ଟ ୟୁନିଟ୍ ନିୟୋଜିତ ଅଛନ୍ତି।ବନ୍ୟାରେ ୭୩,୪୯୫ ଗ୍ରାହକ ପ୍ରଭାବିତ ହୋଇଥିବା ବେଳେ ବିଦ୍ୟୁତ୍ ଯୋଗାଣ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି।

ଯାଜପୁରରେ ୧୮ଟି ସ୍ୱାସ୍ଥ୍ୟ କେନ୍ଦ୍ର/ଅଞ୍ଚଳ ପ୍ରଭାବିତ ହୋଇଥିବା ବେଳେ ଆଜି ୮୪ଟି ମେଡିକାଲ ଟିମ୍ ଏବଂ ୫୩ଟି ମେଡିକାଲ କ୍ୟାମ୍ପ (ସମୁଦାୟ ୧୫୯ଟି) କାର୍ଯ୍ୟ।ମ ଅଛନ୍ତି । ସମୁଦାୟ ୩୩,୬୫୩ ଜଣଙ୍କୁ ଚିକିତ୍ସା କରାଯାଇଛି, ୩୦୪ ଝାଡ଼ାବାନ୍ତି ମାମଲା, ୪୯ ସାପକାମୁଡ଼ା ମାମଲା ରିପୋର୍ଟ ହୋଇଛି। ୩୨୭ ଜଣ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ଓ ୯୯ଟି ପ୍ରସବ କରାଯାଇଛି। ପର୍ଯ୍ୟାପ୍ତ ଔଷଧ, ଓଆରଏସ, ଆଇଭି ଫ୍ଲୁଇଡ୍ ଏବଂ ଆଣ୍ଟି ସ୍ନେକ୍ ଭେନମ୍ ଉପଲବ୍ଧ ଅଛି। ୮୮ଟି ରାସ୍ତା ତଥା ପୋଲ ପ୍ରଭାବିତ ହୋଇଥିବା ବେଳେ ୨୬ଟି ଅଞ୍ଚଳରେ ଜଳବନ୍ଦୀଜନିତ ଦୂଷିତ ଜଳ ନିଷ୍କାସନ ଓ ବିଶୋଧନ ଜାରି ରହିଛି। ଟେଲିକମ୍ ଟାଓ୍ୱାର ପ୍ରଭାବିତ ହୋଇନାହିଁ।

ପ୍ରାୟ ୧,୦୨,୪୮୧.୫ ହେକ୍ଟର ଜମିର ଧାନ ଫସଲ ପ୍ରଭାବିତ ହୋଇଥିବା ବେଳେ ୫,୬୦,୩୫୬ ପଶୁ ସମ୍ପଦ ଓ ୫୬,୯୮୩ କୁକୁଡ଼ା ପ୍ରଭାବିତ ହୋଇଛନ୍ତି । ୯୮ଟି ପ୍ରାଣୀଚିକିତ୍ସା ଟିମ୍, ୨୪୨ଟି କ୍ୟାମ୍ପ ମାଧ୍ୟମରେ ୨୫,୨୩୦ ପଶୁଙ୍କୁ ଚିକିତ୍ସା ଏବଂ ଟୀକାକରଣ କରାଯାଇଛି ଏବଂ ୧୫୮୭.୫୬ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ମୋଟ ୪୧ଟି ପଶୁ ମୃତ୍ୟୁ ରିପୋର୍ଟ ହୋଇଛି।

ଗୁରୁବାର ୨୭ ଅଗଷ୍ଟ, ୨୦୨୬, ଭୁବନେଶ୍ୱର
Thursday, August 27 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଓଡ଼ିଆ ମାଟିର ଭାଇ-ଭଉଣୀ ପ୍ରେମ

ରାକ୍ଷୀ ପୂର୍ଣ୍ଣିମା ଆସିଲେ ଓଡ଼ିଶାର ଆକାଶ ଯେପରି ଚନ୍ଦ୍ରାଲୋକରେ ଭିଜିଯାଏ, ସେହିପରି ଅନେକ ଘରର ଅଗଣା ଭାଇ-ଭଉଣୀର ସ୍ନେହରେ ପରିପୂର୍ଣ୍ଣ ହୋଇଯାଏ। ଏହା କେବଳ ହାତରେ ଗୋଟିଏ ରଙ୍ଗିନ ସୂତା ବାନ୍ଧିବାର ପର୍ବ ନୁହେଁ; ଏହା ହେଉଛି ଶୈଶବର ସ୍ମୃତିକୁ ପୁଣିଥରେ ଛୁଇଁବାର ଦିନ, ଅଭିମାନକୁ ଭୁଲି ପରସ୍ପରର ହାତ ଧରିବାର ଦିନ, ଦୂରତାକୁ ଅତିକ୍ରମ କରି ନିଜ ଲୋକଙ୍କ ପାଖକୁ ଫେରିବାର ଦିନ। ରାକ୍ଷୀର ଗୋଟିଏ ଛୋଟ ସୂତାରେ ଯେତିକି ରଙ୍ଗ ଥାଏ, ତାହାଠାରୁ ଅଧିକ ରଙ୍ଗ ଲୁଚିଥାଏ ଭାଇ-ଭଉଣୀର ସମ୍ପର୍କରେ। ପିଲାଦିନର ଛୋଟ ଛୋଟ ଝଗଡ଼ା, ଖେଳନା ପାଇଁ କଳି, ମାଆଙ୍କ ପାଖରେ ପରସ୍ପର ବିରୋଧରେ ଅଭିଯୋଗ, ପୁଣି କିଛି ସମୟ ପରେ ଏକାଠି ବସି ଖାଇବା—ଏହି ସବୁ ହିଁ ତ ଜୀବନର ସବୁଠାରୁ ଅମୂଲ୍ୟ ସ୍ମୃତି। ସମୟ ଆଗକୁ ବଢେ, ଶୈଶବ ହଜିଯାଏ, ଅଗଣାର ଖେଳ ଛାଡ଼ି ଜୀବନ ଆମକୁ ବଡ଼ ସହର, ବଡ଼ ଚାକିରି, ବଡ଼ ଦାୟିତ୍ୱ ଓ ଅଜଣା ଦୂରତା ଭିତରକୁ ନେଇଯାଏ; କିନ୍ତୁ ରାକ୍ଷୀ ଆସିଲେ ମନ ପୁଣି ସେହି ପୁରୁଣା ଘରର ଦୁଆର ଖୋଜିବାକୁ ଲାଗେ। ଯେଉଁ ଭାଇ ବର୍ଷସାରା ବିଦେଶରେ ରହେ, ସେ ରାକ୍ଷୀ ପାଇଁ ଘରକୁ ଫେରିଲେ ତାହା କେବଳ ଏକ ଯାତ୍ରା ନୁହେଁ; ତାହା ନିଜ ଶୈଶବ ପାଖକୁ ଫେରିବାର ଯାତ୍ରା। ଯେଉଁ ଭଉଣୀ ବିବାହ ପରେ ଅନ୍ୟ ଘରର ଦାୟିତ୍ୱରେ ବ୍ୟସ୍ତ ହୋଇଯାଇଛି, ସେ ରାକ୍ଷୀ ନେଇ ଭାଇର ହାତରେ ସୂତା ବାନ୍ଧିବାକୁ ଆସିଲେ, ତାହା କେବଳ ଏକ ପରମ୍ପରା ପାଳନ ନୁହେଁ; ଏହା ନିଜ ମାଆ-ବାପାଙ୍କ ଘର, ନିଜ ଅଗଣା ଓ ନିଜ ଶୈଶବ ସହ ପୁଣିଥରେ ମିଳନ। ଓଡ଼ିଆ ସଂସ୍କୃତିର ମୂଳରେ ପରିବାର, ଆତ୍ମୀୟତା, ସମ୍ମାନ ଓ ମମତାର ଯେଉଁ ଗଭୀର ଧାରା ପ୍ରବାହିତ, ରାକ୍ଷୀ ପର୍ବ ସେହି ଧାରାର ଏକ ଉଜ୍ଜ୍ୱଳ ପ୍ରତିଛବି। ଓଡ଼ିଆ ଘରର ରାକ୍ଷୀ ଥାଳିରେ ଦୀପ ଜଳେ, ଚନ୍ଦନର ଟିକା ଲାଗେ, ମିଠାର ସୁଗନ୍ଧ ଭାସେ ଏବଂ ଭଉଣୀର ଆଖିରେ ଭାଇ ପାଇଁ ଆଶୀର୍ବାଦ ଚମକେ। କିନ୍ତୁ ସେହି ଦୀପ କେବଳ ଏକ ଆଚାରର ଦୀପ ନୁହେଁ; ଏହା ସମ୍ପର୍କର ଆଲୋକ। ସେହି ଚନ୍ଦନ କେବଳ କପାଳର ଚିହ୍ନ ନୁହେଁ; ଏହା ମନର ଶୀତଳତା। ସେହି ମିଠା କେବଳ ମୁହଁର ସ୍ୱାଦ ନୁହେଁ; ଏହା ଜୀବନର ସମ୍ପର୍କକୁ ମଧୁର କରିବାର ଏକ ଅବସର। ରାକ୍ଷୀର ପରମ୍ପରା ଆମକୁ ଏକ ପୁରୁଣା ପ୍ରତିଶ୍ରୁତି ମନେ ପକାଏ—ବିପଦରେ ପରସ୍ପରର ପାଖରେ ରହିବା, ସୁଖରେ ପରସ୍ପରର ଖୁସି ବଢ଼ାଇବା ଏବଂ ଜୀବନର ଯେକୌଣସି ମୋଡ଼ରେ ନିଜ ଲୋକଙ୍କୁ ଏକା ନଛାଡ଼ିବା। ଆଜିର ସମୟରେ ଏହି ପ୍ରତିଶ୍ରୁତିର ଅର୍ଥ ଆହୁରି ବଡ଼। କାରଣ ଆଜି ଭାଇ ଓ ଭଉଣୀ ଏକେ ଘରେ ରହୁନାହାନ୍ତି; କେହି ଭୁବନେଶ୍ୱରରେ, କେହି କଟକରେ, କେହି ଦିଲ୍ଲୀରେ, କେହି ବେଙ୍ଗାଲୁରୁରେ, କେହି ମୁମ୍ବାଇରେ ଆଉ କେହି ସମୁଦ୍ର ପାରରେ। ଫୋନ ଅଛି, ଭିଡିଓ କଲ୍ ଅଛି, ବାର୍ତ୍ତା ଅଛି; ତଥାପି ମଣିଷର ମନ କେବେ କେବେ ଗୋଟିଏ ଆଲିଙ୍ଗନ ପାଇଁ ଅପେକ୍ଷା କରେ। ରାକ୍ଷୀ ସେହି ଅପେକ୍ଷାକୁ ଅର୍ଥ ଦିଏ। ଡାକରେ ଆସିଥିବା ଏକ ରାକ୍ଷୀ, ଫୋନରେ ଶୁଣା ଭଉଣୀର ସ୍ୱର, ଭାଇ ପଠାଇଥିବା ଏକ ଛୋଟ ଉପହାର—ଏସବୁରେ ରହିଥାଏ ଏକ ବଡ଼ ସନ୍ଦେଶ: ଦୂରତା ଶରୀରକୁ ଅଲଗା କରିପାରେ, ହୃଦୟକୁ ନୁହେଁ। ତେବେ ରାକ୍ଷୀର ଅର୍ଥକୁ କେବଳ ଭାଇ ଭଉଣୀକୁ ସୁରକ୍ଷା ଦେବାର ପ୍ରତିଶ୍ରୁତିରେ ସୀମିତ କରିଦେବା ମଧ୍ୟ ଠିକ୍ ନୁହେଁ। ଆଜିର ସମାଜରେ ସମ୍ପର୍କର ସୁରକ୍ଷା ଦୁଇପଟିଆ। ଭାଇ ଯେପରି ଭଉଣୀର ସମ୍ମାନ, ସ୍ୱାଧୀନତା ଓ ସ୍ୱପ୍ନର ପାଖରେ ଠିଆ ହେବ, ଭଉଣୀ ମଧ୍ୟ ସେପରି ଭାଇର ସଫଳତା, ବିଫଳତା, ଦୁଃଖ ଓ ଏକାକୀତ୍ୱରେ ସହଭାଗୀ ହେବ। ପ୍ରକୃତ ରାକ୍ଷୀ ସେହିଦିନ ସଫଳ ହୁଏ, ଯେଦିନ ଭାଇ ଭଉଣୀର ଅଧିକାରକୁ ସମ୍ମାନ କରେ ଏବଂ ଭଉଣୀ ଭାଇର ଜୀବନକୁ ବୁଝିବାର ଚେଷ୍ଟା କରେ। ସମ୍ପର୍କର ଅର୍ଥ କେବଳ ଉପହାର ନୁହେଁ, ସମୟ; କେବଳ ପ୍ରତିଶ୍ରୁତି ନୁହେଁ, ଦାୟିତ୍ୱ; କେବଳ ଉତ୍ସବ ନୁହେଁ, ପ୍ରତିଦିନର ଆତ୍ମୀୟତା। ଆଜି ଯେତେବେଳେ ଆମ ଜୀବନ ମୋବାଇଲ୍ ସ୍କ୍ରିନ୍, ଚାକିରିର ଚାପ ଓ ଦୌଡ଼ାଦୌଡ଼ିରେ ଆବଦ୍ଧ, ସେତେବେଳେ ରାକ୍ଷୀ ଆମକୁ କିଛିକ୍ଷଣ ପାଇଁ ଅଟକାଇ ଦିଏ। କହେ—ଥରେ ନିଜ ଲୋକଙ୍କ ମୁହଁକୁ ଦେଖ, ଥରେ ନିଜ ଶୈଶବକୁ ମନେ ପକା, ଥରେ ସେହି ମଣିଷକୁ ଧନ୍ୟବାଦ ଦେ, ଯିଏ ତୁମ ଜୀବନର ଅନେକ ଅଜଣା ମୁହୂର୍ତ୍ତର ସାକ୍ଷୀ। ଭାଇ-ଭଉଣୀର ସମ୍ପର୍କ ଏକ ଅଦ୍ଭୁତ ସମ୍ପର୍କ; ଏଠାରେ ଅଭିମାନ ଅଛି, କିନ୍ତୁ ଅଭିମାନଠାରୁ ଅଧିକ ଭଲପାଇବା; ଝଗଡ଼ା ଅଛି, କିନ୍ତୁ ଝଗଡ଼ାଠାରୁ ଅଧିକ ଆପଣାପଣିଆ; ଦୂରତା ଅଛି, କିନ୍ତୁ ଦୂରତାଠାରୁ ଅଧିକ ଅପେକ୍ଷା। ଜୀବନରେ ଅନେକ ସମ୍ପର୍କ ଆସନ୍ତି ଓ ଯାଆନ୍ତି, କିନ୍ତୁ ଭାଇ-ଭଉଣୀର ସମ୍ପର୍କ ଆମର ଶୈଶବ ସହ ଜଡ଼ିତ ଥିବାରୁ ଏହାର ମୂଳ ଅତ୍ୟନ୍ତ ଗଭୀର। ଆମେ ବଡ଼ ହୋଇଯାଉ, ଚେହେରା ବଦଳିଯାଏ, ଜୀବନର ଠିକଣା ବଦଳିଯାଏ, ଚିନ୍ତାଧାରା ବଦଳିଯାଏ; କିନ୍ତୁ ଭଉଣୀ ପାଇଁ ଭାଇ ସେହି ପିଲାଟିଏ ରହିଯାଏ, ଯିଏ ଦିନେ ତାର ଖେଳନା ଲୁଚାଇଥିଲା; ଭାଇ ପାଇଁ ଭଉଣୀ ସେହି ଛୋଟ ଝିଅଟିଏ ରହିଯାଏ, ଯିଏ ତାକୁ ମାଆଙ୍କ ଗାଳିରୁ ବଞ୍ଚାଇବାକୁ ମିଛ କହିଥିଲା। ଏହି ସ୍ମୃତି ହିଁ ସମ୍ପର୍କର ସବୁଠାରୁ ମଜବୁତ ରାକ୍ଷୀ। ଓଡ଼ିଆ ମାଟିର ସୌନ୍ଦର୍ଯ୍ୟ ହେଉଛି, ଏଠାରେ ପର୍ବ କେବଳ ଆଚାର ନୁହେଁ, ଭାବନା। ଏଠାରେ ଗୋଟିଏ ଦୀପର ଆଲୋକରେ ପରିବାରର ମୁହଁ ଉଜ୍ଜ୍ୱଳ ହୁଏ, ଗୋଟିଏ ଥାଳିରେ ପରିବାରର ମିଠାସ ଏକାଠି ହୁଏ ଏବଂ ଗୋଟିଏ ସୂତାରେ ବର୍ଷ ବର୍ଷର ସ୍ମୃତି ବନ୍ଧିଯାଏ। ରାକ୍ଷୀ ଆମକୁ ଏହି ମୂଲ୍ୟବୋଧ ମଧ୍ୟ ଶିଖାଏ ଯେ, ଜୀବନର ସଫଳତା କେବଳ ଟଙ୍କା, ପଦବୀ କିମ୍ବା ପ୍ରତିଷ୍ଠାରେ ମାପାଯାଏ ନାହିଁ; ଯେଉଁ ମଣିଷ ନିଜ ଲୋକଙ୍କ ଦୁଃଖରେ ପାଖରେ ଠିଆ ହୋଇପାରେ, ନିଜ ଭାଇ-ଭଉଣୀର ଆଖିର ଲୁହ ବୁଝିପାରେ ଏବଂ ସେମାନଙ୍କ ଖୁସିରେ ନିଜର ଖୁସି ଖୋଜିପାରେ, ସେହି ମଣିଷ ପ୍ରକୃତରେ ସମୃଦ୍ଧ। ରାକ୍ଷୀର ସୂତା ହାତରେ ବନ୍ଧାଯାଏ, କିନ୍ତୁ ତାହାର ଗଣ୍ଠି ହୃଦୟରେ ପଡ଼େ। ସେହି ଗଣ୍ଠିକୁ ସମୟ ଖୋଲିପାରେ ନାହିଁ, ଦୂରତା ଛିଣ୍ଡିପାରେ ନାହିଁ, ଅଭିମାନ ମଧ୍ୟ ସବୁବେଳେ ହରାଇପାରେ ନାହିଁ। କେବେ କେବେ ବର୍ଷ ବର୍ଷ ଭାଇ-ଭଉଣୀ କଥା ହୋଇନଥାଇପାରନ୍ତି, କିନ୍ତୁ ମନର ଗଭୀରରେ ଗୋଟିଏ ଅଦୃଶ୍ୟ ସୂତା ସବୁବେଳେ ଟାଣି ରହିଥାଏ। ସେହି ସୂତା ହିଁ ରାକ୍ଷୀ। ସେହି ସୂତା ହିଁ ଆମ ଓଡ଼ିଆ ପରିବାରର ମମତା। ସେହି ସୂତା ହିଁ ଆମ ସଂସ୍କୃତିର ମାନବିକ ମୁହଁ। ତେଣୁ ଏ ବର୍ଷ ରାକ୍ଷୀ ବାନ୍ଧିବାବେଳେ କେବଳ ଗୋଟିଏ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ରଖିଦେବା ନୁହେଁ; ଭାଇର ହାତକୁ ଥରେ ଭଲଭାବେ ଧରନ୍ତୁ, ଭଉଣୀର ମୁଣ୍ଡରେ ଥରେ ସ୍ନେହର ହାତ ରଖନ୍ତୁ, ମାଆ-ବାପାଙ୍କ ଆଖିର ଖୁସିକୁ ଥରେ ଦେଖନ୍ତୁ ଏବଂ ନିଜକୁ ପଚାରନ୍ତୁ—ଆମେ କି ଏହି ସମ୍ପର୍କକୁ କେବଳ ଗୋଟିଏ ଦିନ ପାଇଁ ମନେ ରଖିବୁ, ନା ପ୍ରତିଦିନ ଏହାକୁ ଜୀବନ୍ତ ରଖିବୁ? କାରଣ ରାକ୍ଷୀର ପ୍ରକୃତ ଅର୍ଥ ହେଉଛି ପ୍ରତିଦିନ ପରସ୍ପର ପାଇଁ ରହିବା। ରାକ୍ଷୀର ପ୍ରକୃତ ଅର୍ଥ ହେଉଛି ଅସୁବିଧାରେ ଫୋନ କରିବା, ଦୁଃଖରେ ପାଖରେ ବସିବା, ସଫଳତାରେ ମନଖୋଲି ଖୁସି ହେବା ଏବଂ ଜୀବନର ଯେକୌଣସି ପରିସ୍ଥିତିରେ କହିପାରିବା—"ତୁମେ ଏକା ନୁହଁ, ମୁଁ ଅଛି।" ରାକ୍ଷୀ ପୂର୍ଣ୍ଣିମାର ଚନ୍ଦ୍ର ଯେତେବେଳେ ଓଡ଼ିଶାର ଆକାଶରେ ଉଠିବ, ଅନେକ ଘରେ ହସ ଶୁଣାଯିବ, ଅନେକ ଭଉଣୀ ଭାଇର ହାତରେ ରାକ୍ଷୀ ବାନ୍ଧିବେ, ଅନେକ ଭାଇ ଭଉଣୀକୁ ଉପହାର ଦେବେ, ଅନେକ ମାଆ ନିଜ ପିଲାମାନଙ୍କୁ ଏକାଠି ଦେଖି ଆଖିର ଲୁହ ପୋଛିବେ। କେଉଁଠି ହୁଏତ ଭାଇ ଆସିପାରିବ ନାହିଁ, କେଉଁଠି ଭଉଣୀ ଦୂର ସହରରେ ରହିବ; କିନ୍ତୁ ଦୂରତାର ସେହି ପାର୍ଶ୍ୱରୁ ମଧ୍ୟ ଗୋଟିଏ ସ୍ୱର ଆସିବ—"ରାକ୍ଷୀର ଶୁଭେଚ୍ଛା।" ଏହି ଦୁଇଟି ଶବ୍ଦରେ ଯେତେ ଭଲପାଇବା ରହିଥାଏ, ସେତେ ଭଲପାଇବା ବୋଧହୁଏ ହଜାର ଶବ୍ଦର ଏକ ଦୀର୍ଘ ଚିଠିରେ ମଧ୍ୟ ମିଳେ ନାହିଁ। ରାକ୍ଷୀ ତେଣୁ କେବଳ ଏକ ପର୍ବ ନୁହେଁ; ଏହା ଘରକୁ ଫେରିବାର ଡାକ, ଶୈଶବକୁ ମନେ ପକାଇବାର ଅବସର, ମାଆର ମମତାକୁ ଅନୁଭବ କରିବାର ମୁହୂର୍ତ୍ତ ଏବଂ ଭାଇ-ଭଉଣୀର ଅମର ସମ୍ପର୍କକୁ ପୁଣିଥରେ ଉତ୍ସବର ଆଲୋକରେ ଆଣିବାର ଏକ ଅନନ୍ୟ ଅବସର। ରାକ୍ଷୀର ସୂତା ଛୋଟ ହୋଇପାରେ, କିନ୍ତୁ ତାହାର ଅର୍ଥ ଗୋଟିଏ ଜୀବନଠାରୁ ମଧ୍ୟ ଦୀର୍ଘ। ଏହା ହାତରେ ବନ୍ଧାଯାଏ, କିନ୍ତୁ ରହିଯାଏ ହୃଦୟରେ; ଏହା ଆଖିକୁ ଦିଶେ, କିନ୍ତୁ ଅନୁଭବ ହୁଏ ଆତ୍ମାରେ। ଏହି ଅକ୍ଷୟ ସ୍ନେହ, ଏହି ଅବିଚ୍ଛିନ୍ନ ଆତ୍ମୀୟତା ଓ ଏହି ଅମୂଲ୍ୟ ଭାବନାର ନାମ—ରାକ୍ଷୀ; ଆଉ ଏହି ରାକ୍ଷୀର ସୂତାରେ ବନ୍ଧା ରହିଛି ଓଡ଼ିଆ ମାଟିର ଏକ ଅମର କାହାଣୀ—ଭାଇ ଓ ଭଉଣୀର କାହାଣୀ।

# ଅଣ ଦେଖା କରନ୍ତୁନି ସର୍କଲ ରେଟକୁ

**ଯୁଧିଷ୍ଠିର ମହାରଣା**

ଆମ ମାନଙ୍କ ଭିତରୁ ଅଧିକାଂଶ କିଣା ବିକା ସମୟରେ ସର୍କଲ ରେଟଟିକୁ ଏକପ୍ରକାର ନଜର ଅନ୍ଦାଜ କରିଥାନ୍ତି ତେବେ ଏହା ଉପରେ ଆପଣଙ୍କର ସମ୍ପତ୍ତି, ଘରବାଡ଼ିର ଟିକସ, ଏହା ସହ ପଞ୍ଜୀକରଣ ଖର୍ଚ୍ଚ, ଏହା ସହିତ କେତେକ କ୍ଷେତ୍ରରେ ଗୃହରୁ ଋଣର ପରିମାଣ ଏହା ଉପରେ ନିର୍ଭରଶୀଳ। ଯଦିଓ ଆପଣ କମ ଦାମରେ ଡିଲ କରନ୍ତି ସରକାର କିନ୍ତୁ ସର୍କଲ ରେଟ ହିସାବରେ ମୂଲ୍ୟ ନିଅନ୍ତି। ତେଣୁ ବାସ୍ତବରେ ଅର୍ଥନୀତି ବିଷାରଦ ତଥା ଟ୍ୟାକ୍ସ ଉପରେ ଅଧ୍ୟୟନ କରୁଥିବା ଗବେଷକମାନଙ୍କ ମତ ସର୍କଲ ରେଟ ନ ବୁଝି ସମ୍ପତ୍ତି କିଣିବା ଅନେକଙ୍କ କ୍ଷେତ୍ରରେ ଭଲଟା ଭେଲ ହୋଇଯାଏ।

ଆସନ୍ତୁ ସର୍ବପ୍ରଥମେ ଜାଣିବା ସର୍କଲ ରେଟ କ'ଣ? ଏହା ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ଅଞ୍ଚଳରେ ସମ୍ପତ୍ତି ବାଡ଼ି କ୍ରୟବିକ୍ରୟ ପଞ୍ଜୀକରଣ ପାଇଁ ଧାର୍ଯ୍ୟକୃତ ସର୍ବନିମ୍ନ ମୂଲ୍ୟରାଶି। ଅନ୍ୟ ଭାବରେ ଏହାକୁ 'ରେଡ଼ିରେକନର ରେଟ ବି' କୁହନ୍ତି। ଏହାକୁ ନେଇ ସମ୍ପତ୍ତିର ପଞ୍ଜୀକରଣ ଖର୍ଚ୍ଚ, ଷ୍ଟାମ୍ପ ଡ୍ୟୁଟି ନିର୍ଣ୍ଣୟ ହୋଇଥାଏ। ବାସ୍ତବରେ ସରକାରଙ୍କ ରାଜସ୍ୱ ବିଭାଗ ପ୍ରତି ବର୍ଷ ବା ଦୁଇ ତିନି ବର୍ଷରେ ଥରେ ସେ ସମୟର ବଜାର ସ୍ଥିତିକୁ ଦେଖି ସର୍କଲ ରେଟ ନିର୍ଦ୍ଧାରଣ କରିଥାନ୍ତି।

ଅନେକଙ୍କ ଭିତରେ ପ୍ରଶ୍ନ ଉଙ୍କି ମାରୁଥିବ ଯେ ସର୍କଲ ରେଟ କିଭଳି ନିର୍ଣ୍ଣୟ ହୁଏ? ଏହାର ସରଳ ଉତ୍ତରଟି ହେଉଛି ସରକାର ଏହି ସର୍କଲ ରେଟ ନିର୍ଦ୍ଧାରଣ କଲା କ୍ଷେତ୍ରରେ ଅନେକ ଦିଗକୁ ଦେଖିଥାନ୍ତି, ବିଶେଷଜ୍ଞଙ୍କ ପରାମର୍ଶ ପରେ ଅନୁଶୀଳନ ହୋଇଥାଏ। ସମ୍ପତ୍ତିର ଲୋକେସନ ବା ଅବସ୍ଥିତି ପ୍ରସଙ୍ଗଟି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ଦିଗ। ଏହା ନିଃସନ୍ଦେହ ଉନ୍ନତ ସଂଯୋଗ, ପାନୀୟଜଳ, ଉନ୍ନତମାନର ରାସ୍ତା ଓ ଭିତ୍ତିଭୂମି ଯେଉଁ ଅଞ୍ଚଳରେ ଅଧିକ ସହାୟକ ଓ ଉପଯୋଗୀ ଭାବେ ସାବ୍ୟସ୍ତ ହୋଇଥାଏ ଏହାର ଗୁରୁତ୍ୱ ଅଧିକ ବଢ଼େ। ସେହିପରି ଅନ୍ୟ ଏକ ଦିଗଟି ହେଉଛି ଆବାସିକ କ୍ଷେତ୍ର, ସେହିପରି ବାଣିଜ୍ୟିକ ଠାରୁ ଶିଳ୍ପାଞ୍ଚଳ ପାଇଁ ଭିନ୍ନ ଭିନ୍ନ ହାର ନିର୍ଦ୍ଧାରଣ କରାଯାଇଥାଏ। ଏ ସବୁ ଭିତରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଏହାର ମାଲିକାନା। ଅର୍ଥାତ୍ ଫ୍ରିହୋଲଡ ଓ ଲିଜହୋଲଡ଼ ସମ୍ପତ୍ତିର ମଧ୍ୟ ହାର ସମାନ ହେବାରେ କିଛି ମାନେ ନାହିଁ, ଭିନ୍ନ ହୋଇପାରେ। ଏହାସହିତ ଅନ୍ୟ ଏକ ଦିଗଟି ହେଉଛି ଅଞ୍ଚଳଟି ଯଦି ବିଦ୍ୟାଳୟ, ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ, ଡାକ୍ତରଖାନା, ବଜାର ଭଳି ଉନ୍ନତ ଓ ସବୁ କ୍ଷେତ୍ରର ଉଚ୍ଚମାନର ମୌଳିକ ସୁବିଧା ଥାଏ ତେବେ ଏହା ମଧ୍ୟ ପରୋକ୍ଷରେ ପ୍ରଭାବିତ କରେ। ଛୋଟ କିମ୍ବା ପୁରୁଣା ସମ୍ପତ୍ତିର ହାର ଭିନ୍ନ ଥାଇପାରେ।

ଯେଉଁମାନେ ରିୟଲ ଇଷ୍ଟେଟ ବଜାର କ୍ଷେତ୍ରରେ ପୁଞ୍ଜି ଲଗାଇଛନ୍ତି ସେମାନେ ସର୍କଲ ରେଟକୁ ସର୍ବାଧିକ ଗୁରୁତ୍ୱ ଦେଇଥାନ୍ତି। ସର୍କଲ ରେଟ ସମୟ ସମୟରେ ରିୟଲ ଇଷ୍ଟେଟର ବଜାରକୁ ଦେଖି ନିର୍ଦ୍ଧାରିତ ହୋଇଥାଏ। ସମସ୍ତେ ଭଲ ଭାବେ ଜାଣନ୍ତି ଯେଉଁଠି ଚାହିଦା, ସେହିଠି ଚଢ଼ା ରେଟ। ଆଉ ଯେଉଁଠି ଚାହିଦା ପଛୁଆ ଦରଦାମ ମଧ୍ୟ ପଛୁଆ ଅର୍ଥାତ୍ କମିଯାଏ। ହଁ, ଏଇଠି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସମ୍ପର୍କରେ ଉଲ୍ଲେଖ କରୁଛୁ। କେତେକ କ୍ଷେତ୍ରରେ ମୂଲ୍ୟକୁ କମ ଦର୍ଶାଇ ସରକାରଙ୍କ ଷ୍ଟାମ୍ପ ଡ୍ୟୁଟିରୁ ଖସିଯିବାକୁ ଯେଉଁ କ୍ରେତା ଓ ବିକ୍ରେତା କରୁଥାନ୍ତି ଏହା ଦଣ୍ଡନୀୟ ଅପରାଧ ଅନ୍ତର୍ଗତ।

ଅସଲ କଥା ହେଉଛି ସାଧାରଣତଃ ଭାରତର ବ୍ୟାଙ୍କ ବ୍ୟବସ୍ଥା ଯାହା ସେମାନେ ସର୍କଲ ରେଟ ଓ ପ୍ରକୃତ ଦାମ ଦ୍ୱାରା ସ୍ଥିର କରାଯାଇଥିବା କମ ମୂଲ୍ୟ ଉପରେ ଋଣ ନିର୍ଣ୍ଣୟ କରନ୍ତି। ଆଉ ଗୋଟିଏ ମନେରଖିବା କଥା ଯଦି ଜଣଙ୍କର ସର୍କଲ ରେଟ କମ ରୁହେ ତେବେ ତାଙ୍କର ଋଣ ନେବାର ଯୋଗ୍ୟତା ନିଶ୍ଚିତ ଭାବରେ କମିଯିବ। ଏହାର ପରିଣତି ସ୍ୱରୂପ ଅଧିକ ଡାଉନ ପେମେଣ୍ଟ ଦେବାକୁ ପଡ଼ିପାରେ। ଏହା ବ୍ୟତୀତ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନ ମଧ୍ୟ ଏହି ଆଧାରକୁ ଦେଖି ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ। ଶେଷରେ ଗୃହ ଋଣ ପାଇଁ ଯୋଗ୍ୟତା ନିର୍ଣ୍ଣୟ ନିର୍ଦ୍ଧାରଣ କରାଯାଏ। ତେଣୁ ଯଦି ସମ୍ପତ୍ତି ବାଡ଼ି କିଣୁଛନ୍ତି ତେବେ ସର୍ବପ୍ରଥମେ ସର୍କଲ ରେଟ ସମ୍ପର୍କରେ ବୁଝନ୍ତୁ ନ ହେଲେ ପରେ ପସ୍ତେଇବେ। ଧନକ୍ଷୟ, ଧାଁ ଧଉଡ, ଅସ୍ତବ୍ୟସ୍ତ ଭିତରେ ଆଇନ କାନୁନ କଥା ଶେଷରେ ମାନସିକ ଚିନ୍ତାଗ୍ରସ୍ତ ହେବେ ଯେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥିବ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

# ଜୀବନଟା ଏହିପରି...

**ତ୍ରିନାଥ ଓଝା**

ମଣିଷ ବଞ୍ଚେ, ଏକ ସୁନ୍ଦର ସଂସାରକୁ ନେଇ। ହେଲେ ଯେତେବେଳେ ସଂସାର ଦୋହଲି ଯାଏ କେହି ବି ଆନନ୍ଦ ପାଇ ନଥାନ୍ତି। ହୁଏତ ପ୍ରତିପକ୍ଷର କିଛି କ୍ଷତି ପାଇଁ କେହି ବି କିଛି କରିପାରନ୍ତି, ତା'ମାନେ ତ ଜୀବନ ନୁହେଁ ନା। ଜଗତସିଂହପୁରର ଏକ ଅଖ୍ୟାତ ଗାଁରେ ମୋର ଜନ୍ମ, ମୋ ବାପା ଯେଉଁପରି ସମ୍ମାନନୀୟ ଓ ଆଦରଣୀୟ ସମାଜ ସାମ୍ନାରେ, ମୁଁ ଏହାକୁ ଲେଖିବା ପାଇଁ ଉଚିତ ମନେକରୁନି। ହେଲେ ତାଙ୍କ ପ୍ରେରଣା, ଆଦର୍ଶ, ଆଶୀର୍ବାଦ ଓ ବଚନିକା ମୋ ତମାମ ଜୀବନ ପାଇଁ କାଳଜୟୀ।

ଜୀବନର ଏକ ବଡ଼ ସନ୍ଧୀକ୍ଷଣ ଭିତରେ ମୁଁ ଏବେ ଛିଡ଼ା ହୋଇଛି। ଜୀବନକୁ ନିର୍ବାହ କରିବା ପାଇଁ ସର୍ବନିମ୍ନ ଭାଗବତ ଚେତନା କ'ଣ ପାପ? ମୁଁ କହିବି ଆଦୌ ତ ନୁହଁ, ଜୀବନ ଭଗବାନଙ୍କ ଦୃଷ୍ଟିକୋଣରେ କେଉଁମାନଙ୍କୁ ତିଆରି କରିବେ ସେ ଉତ୍ତର ମୋ ପାଖରେ ନାହିଁ। ହେଲେ ଯେଉଁମାନଙ୍କୁ ଆମେ ଆମ ଛୋଟିଆ ସଂସାର ଭିତରେ ଗ୍ରହଣୀୟ କରିଛୁ, ଅନ୍ତତଃ ସେମାନଙ୍କ ସ୍ନେହ, ସେବା, ଭଲ ପାଇବା ଯଦି ଆମ ପାଇଁ ପ୍ରାପ୍ୟ ନୁହେଁ, ତାହାଲେ ତ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିବ।

ମୋ ବର୍ତ୍ତମାନ ଜୀବନ, ଅନେକ ଆହ୍ୱାନଭରା। ମାଆଟି ମୋ ପାଖରେ, ତାର ବି ନିୟମିତ ଦେହ ଖରାପ। ଏ ସବୁ ଭିତରେ ବାପା ବୋଉଙ୍କୁ ନେଇ ହାତରୁ ଖର୍ଚ୍ଚ କରି ଯେଉଁ ଅନୁଷ୍ଠାନଟି ଗଢ଼ିଛି ମୋ ପାଇଁ ଶାନ୍ତିପ୍ରଦ ହୁଏତ କାହାଙ୍କ ପାଇଁ କଷ୍ଟପ୍ରଦ? ଅନୁଷ୍ଠାନ ପାଇଁ ବଡ଼ଭାଇ, ବଡ଼ଭାଉଜ ସେମାନଙ୍କ ସହଯୋଗ ମୋ ପାଇଁ କୋଟି ପୁଣ୍ୟ। ଆଜିକା ସମୟରେ ମୋ ବାପାଙ୍କ ପରି ଜଣେ ଲୋକଙ୍କୁ ମୁଁ ପାଉନି, ମୋ ବାପା ଜଣେ ଧର୍ଣ୍ଣାଢ଼୍ୟ, ବାହୁବଳୀ, ଶକ୍ତିଶାଳୀ ଲୋକ ନଥିଲେ। କିନ୍ତୁ ସେ ଥିଲେ ଏକ ଆଦର୍ଶର ଚେତନା। ଜୀବନର ପ୍ରତିଟି ମୁହୂର୍ତ୍ତରେ ବାପାଙ୍କ କଥା ମୁଁ ଭାବେ, ବାପା-ମାଆଙ୍କ ଅମ୍ଳାନ ସ୍ମୃତିକୁ ନେଇ ଏକ ସଂସ୍ଥା ମୋ ଭାଇ-ଭାଉଜ ଏବଂ ମୋର ଛୋଟିଆ ଗୁଣ୍ଡିଚି ମୂଷା ଦାୟିତ୍ୱ ଭିତରେ ଖୋଲିଛି ଅନୁଷ୍ଠାନଟି। 'ଚମ୍ପାନାରାୟଟ ଚାରିଟେବଲ୍ ଟ୍ରଷ୍ଟ' ଏହି ମାଧ୍ୟମରେ ସମାଜର କଲ୍ୟାଣ ପାଇଁ ମୋ ସୀମିତ ଦାୟିତ୍ୱ ଭିତରେ ଯେତିକି ପାରୁଛି ମୁଁ ନିର୍ବାହ କରୁଛି।

ଭାଗବତ ଟୁଙ୍ଗୀ, ଗାଦିଗୋସେଇଁଙ୍କୁ ନେଇ କଟକର ଶେଷ ମୁଣ୍ଡରେ ଥିବା ଧବଳେଶ୍ୱରଗଡ଼ାରେ ମୁଁ ବଞ୍ଚୁଛି, ଏହି ଦୁଇଟି ଅନୁଷ୍ଠାନ ଗଢ଼ିବା ଭିତରେ ଅନେକ ପ୍ରତିକୂଳ, ଅନେକ ସମସ୍ୟା, ଅନେକ ଆହ୍ୱାନ, ଅନେକ କଷ୍ଟ ସବୁ କିଛି କି ସହି ମୁଁ ଭାବେ ମୋ ବାପା-ମାଙ୍କ ମୁହଁକୁ ଦେଖି। ଏ ସଂଗଠନ ତୁଲାଇବା ପାଇଁ ଧବଳେଶ୍ୱରଗଡ଼ାର ଅନେକ ଭାଇ ଭଉଣୀ ଆଗେଇ ଆସିଛନ୍ତି, ହାତ ମିଶେଇଛନ୍ତି ସେମାନଙ୍କ ପାଖରେ ବହୁତ ବଡ଼ କୃତଜ୍ଞ। ଜୀବନର ସମାଜ ସେବା କ୍ଷେତ୍ରରେ ଭାବିଲା ବେଳକୁ ଅର୍ଥ, ଦାୟିତ୍ୱ ସମ୍ପାଦନା, ଯୋଗାଯୋଗ, ନୀତି ନିର୍ଦ୍ଧାରଣ ଏହିପରି ଅନେକ ଆହ୍ୱାନ ଆସିଥାଏ। ହେଲେ କରୁଣାମୟ ଭଗବାନ ସେ ଦାୟିତ୍ୱ ସବୁକିଛିକୁ ନିର୍ବାହ କରି ସେ ହିଁ ସମ୍ପାଦନା କରିଛନ୍ତି। ହଁ, ଗୋଟିଏ କଥା କହୁଛି। ମଣିଷ ଯେତେବେଳେ ବଞ୍ଚେ ସେ ସ୍ତ୍ରୀ-ପିଲାଙ୍କୁ ଛାଡ଼ି ହୁଏତ କେହି ତାଙ୍କ ପାଇଁ ଜଣେ ସାନଭାଇ, ଅମୃତତୁଲ୍ୟ ବନ୍ଧୁ ଆସିପାରନ୍ତି। ଏହା ହିଁ ଜୀବନର ବଡ଼ ସତ୍ୟ, କେଜାଣି କାହିଁକି ମୋତେ ଅନେକ ବୁଝିପାରନ୍ତିନି, ଯେଉଁଠି କାହାଙ୍କର ବିନ୍ଦୁଏ ମାତ୍ର କ୍ଷତି ମୁଁ ଚାହିଁ ନଥାଏ, ଜୀବନଟା କ'ଣ ଏହିପରି? ସାମାଜିକ ନିତିଦିନିଆ ଜୀବନ ଭିତରେ ଆମ ସମସ୍ତଙ୍କ ପାଇଁ ଆହ୍ୱନ ଅଛି, ହେଲେ ଭାଇ ଟିକିଏ ଚିନ୍ତା କରନ୍ତୁ ଆମେମାନେ କିପରି ଏହି କାଳଖଣ୍ଡରୁ ବର୍ତ୍ତିବା? ଭଗବାନ ଆମ ସମସ୍ତଙ୍କୁ କଲ୍ୟାଣ କରନ୍ତୁ, ଏହା ହିଁ ମୋର ଛୋଟିଆ ପ୍ରାର୍ଥନା।

ମୁଁ ଅନ୍ତତଃ ଜଣେ ବଡ଼ ଲୋକ ନୁହଁ, ଧନବାନ ନୁହେଁ, ପ୍ରତିପତ୍ତି, ବାହୁବଳୀର ସାମାନ୍ୟ କ୍ଷମତା ମୋ ପାଖରେ ହିଁ ନାହିଁ। ସବୁବେଳେ ମୁଁ ଭାବେ ମୋ ପରଲୋକ ପିତା ଯାହା କହିଥିଲେ, ସବୁବେଳେ ସମାଜର ସେବା ପାଇଁ ତୁ ନିଜକୁ ପାରୁ ପର୍ଯ୍ୟନ୍ତ ଉତ୍ସର୍ଗୀକୃତ କରିବୁ, ମୁଁ ନିଶ୍ଚିନ୍ତ ଖୁସି ହେବି ସେହି ପରଲୋକରେ। ଆଜି ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଦାୟିତ୍ୱ ନିର୍ବାହ ପାଇଁ ମୋ ମାଆ ଚମ୍ପା ଓଝା ସେ ହିଁ ବଡ଼ ସମ୍ପତ୍ତି, ବଡ଼ ଆଶୀର୍ବାଦ, ବଡ଼ ପ୍ରେରଣା। ମାଆ, ସବୁ କାର୍ଯ୍ୟକ୍ରମରେ ସାମିଲ ହୁଏ। ମାଆ, ବଡ଼ଭାଇ ଭଉଣୀ, ଶୁଭେଚ୍ଛୁ ମାନଙ୍କ ଆଶୀର୍ବାଦ ପାଇଁ ଏହି ଅନୁଷ୍ଠାନ ଲୋକଲୋଚନକୁ ନ ଯାଇ ବି କିଛି ହୁଏତ ସମାଜ ସେବା କରୁଛି, ଏହା ହିଁ ଥିଲା ମୋ ବାପାଙ୍କର ବଡ଼ ବଚନ। ଆସନ୍ତୁ ଭାଇ-ଭଉଣୀମାନେ। ଦୁନିଆର କଲ୍ୟାଣ ପାଇଁ ଯେତିକି ପାରିବା, କିଛି ତ କରିବା। ଜୀବନ ଯେତେବେଳେ ବାହୁଡ଼ି ଯାଏ ସେ ନେଇଥାଏ 'ଯଶ'। ଆସନ୍ତୁ ଆମେ ସମସ୍ତେ ଏହି ଯଶ ପାଇଁ ପ୍ରସ୍ତୁତ ହେବା, ଯେତିକି ପାରିବା ଏହି ସମାଜ ପାଇଁ, ସମାଜର କଲ୍ୟାଣ ପାଇଁ ନିଶ୍ଚିନ୍ତ କିଛି କରିବା। ଓଁ ନମୋ ଭଗବତେ ବାସୁଦେବାୟ...।

ଆବାହକ, ଚମ୍ପାନାରାୟଣ ଚାରଟେବଲ ଟ୍ରଷ୍ଟ, ଧବଳେଶ୍ୱରଗଡ଼ା, କଟକ, ଦୂରଭାଷ : ୯୨୩୮୬୦୨୮୨୫

# ମର୍କତନଗର ଓ ଅଣଓଡ଼ିଆ ଆଇଏଏସ ପ୍ରଥମ ସୂତ୍ରଧର

**ବିକ୍ରମ ମହାପାତ୍ର**

କେଉଁ ସ୍ମରଣାତୀତ କାଳରୁ ମହାନଦୀ ଓ କାଠଯୋଡ଼ି ମଧ୍ୟସ୍ଥ ତ୍ରିଭୁଜାକାର ଉର୍ବର ସମତଳ ଭୂମି ଉପରେ ଗଢ଼ି ଉଠିଥିଲା ସମାକୀର୍ଣ୍ଣ ଜନପଦଟି ଲମ୍ବିଛି ସିଡ଼ିଏର ନରାଜ ପର୍ଯ୍ୟନ୍ତ। କଟକକୁ ଅନେକ ହଜାର ବର୍ଷର ସହର ବୋଲି କହିଥାନ୍ତି। କଟକର ଅର୍ଥ ରାଜଧାନୀ, ନଗର, ପୁର, ବା ସ୍ଥାନକୁ ବୁଝାଏ। ପୁରୁଣା କଟକିଆଙ୍କ ଆଖି ସାମ୍ନାରେ ହିଁ ତିଆରି ହୋଇଛି ମର୍କତ ନଗର ଯାହାକୁ କଟକ ଡେଭଲପମେଣ୍ଟ ଅଥରିଟି ଅଧୀନରେ ପରିଚାଳନା କରାଯାଉଛି। ମର୍କତ ନଗର କଥା ଭାବିଲାବେଳକୁ ଅଶୀଦଶକର ଏକ କଥା ମନେ ପଡ଼ୁଛି। ମର୍କତ ନଗରର ନିର୍ମାଣ ପାଇଁ ଏହାର ବଡ଼ ଚିନ୍ତାନାୟକ ଥିଲେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ତାଙ୍କୁ ସୁପରି ଚିଫ ମିନିଷ୍ଟର କୁହାଯାଉଥିଲା। ସେତେବେଳେ ଆଜିର ମର୍କତ ନଗରଟି କାଜୁ ଜଙ୍ଗଲ, ବାଲି ଓ ଅନାବନା ଛୋଟବଡ଼ ଗଛରେ ପରିପୂର୍ଣ୍ଣ। ହେଟା ବିଲୁଆମାନେ ଦିନରେ ବି ରାଜୁତି କରୁଥିଲେ। କୁହାଯାଏ ଯେତେବେଳେ ମର୍କତ ନଗର ଗଠନ ହୋଇ ପ୍ଲଟିଂ ଭାବେ ସରକାର ବିକ୍ରି ଆରମ୍ଭ କଲେ ଅନେକ ମୂଳ କଟକିଆ ଏକ ପ୍ରକାର ହସୁଥିଲେ। ବାଲିଗଦା ଉପରେ କେଉଁଠି ସହର ଗଢ଼ି ହୁଏ? କିନ୍ତୁ ଆଜିର ମର୍କତ ନଗର ହେଉଛି କଟକର ଅନ୍ୟତମ ସମ୍ଭ୍ରାନ୍ତ ଅଞ୍ଚଳ। ସରକାର ପର୍ଯ୍ୟାୟକ୍ରମେ ଲୋକମାନଙ୍କୁ ପ୍ଲଟ ବିକ୍ରି କରିଥିଲେ। ସର୍ବପ୍ରଥମେ ସେକ୍ଟର-୬ଅଞ୍ଚଳରେ କିଛି ଲୋକ ପ୍ରଥମେ ପ୍ରଥମେ ଘର ନିର୍ମାଣ କରିଥିଲେ ମଧ୍ୟ ଚାରିଆଡ଼େ ଖୋଲାମେଲା ସବୁ ଥିବାରୁ ଏବଂ ସେତେବେଳେ ରିଂରୋଡ଼ରେ ଭଲ ରାସ୍ତା ଓ ବିଜୁଳିର ବ୍ୟବସ୍ଥା ହୋଇନଥିଲା। ଅନେକ ସମୟରେ ଛୋଟମୋଟର ଚୋରୀ ମଧ୍ୟ ହେଉଥିଲା। କିନ୍ତୁ ଆଜିର ମର୍କତ ନଗର ସମ୍ପୂର୍ଣ୍ଣ ଭାବେ ଚାକଚକ୍ୟ ଓ ଉତ୍ତମ ଯୋଗାଯୋଗ ବ୍ୟବସ୍ଥାକୁ ନେଇ ଗଠିତ, ପ୍ରାୟ ସବୁ ଅଞ୍ଚଳକୁ ସରକାରଙ୍କ ମୋ ବସ ମଧ୍ୟ ଯିବା ଆସିବା କରୁଛି। ଅନେକ ସରକାରୀ ଓ ଗୁରୁତ୍ୱପୂର୍ଣ୍ଣ ବେସରକାରୀ ପ୍ରତିଷ୍ଠାନ ଖୋଲିବା ସହ ସରକାର ଏବେ ସେକ୍ଟର-୧୩ ଓ ପରବର୍ତ୍ତୀ ପ୍ଲଟକୁ ବିକଶିତ କରୁଛନ୍ତି।

ମର୍କତନଗର ନିର୍ମାଣ ହେବା ପୂର୍ବରୁ ସିଡ଼ିଏର ଉପାଧ୍ୟକ୍ଷ ଥିଲେ ଜଣେ ଅଣ ଓଡ଼ିଆ ଆଇଏଏସ୍ ଅଫିସର ସନ୍ତୋଷ କୁମାର। ସେ ଥିଲେ ଜଣେ ଅଣଓଡ଼ିଆ ଅର୍ଥାତ୍ ପଞ୍ଜାବୀ। ଯେତେବେଳେ ସିଡ଼ିଏର ଉପାଧ୍ୟକ୍ଷ ହୋଇ କଟକ ଆସିଲେ ସେତେବେଳକୁ ଆଜିର ମର୍କତ ନଗର ନିର୍ମାଣ ହୋଇନଥିଲା। ସେତେବେଳେ ଖାଲି ଜଙ୍ଗଲ ଏବଂ ବାଲି ଭର୍ତ୍ତି ହୋଇ ରହିଥିଲା। ସେସମୟରେ ମହାନଦୀ ଏବଂ କାଠଯୋଡ଼ିନଦୀରେ ଅନେକ ସମୟରେ ଛୋଟବଡ଼ ବନ୍ୟା ଆସୁଥିଲା। ୧୯୮୨ରେ ମହାନଦୀ ଏବଂ କାଠଯୋଡ଼ି ନଦୀରେ ପ୍ରଳୟଙ୍କାରୀ ବନ୍ୟା ଆସିଥିଲା। କଟକ ସହର ଭିତରକୁ କିଛି ଜାଗାରେ ବନ୍ୟା ଜଳ ପଶି ଆସିଥିଲା। ଥରେ ବନ୍ୟା ସମୟରେ ସିଡ଼ିଏର ଉପାଧ୍ୟକ୍ଷ ଥିବା ସନ୍ତୋଷ କୁମାର କଟକ ବୁଲି ବନ୍ୟା ପରିସ୍ଥିତି ନିରୀକ୍ଷଣ କରୁଥିଲେ। ମହାନଦୀ ଏବଂ କାଠଯୋଡ଼ି ନଦୀରେ ବଡ଼ ବନ୍ୟା ସମୟରେ ଯୋବ୍ରା କାଳିଆବୁଦା ଏବଂ ପୁରୀଘାଟରୁ ଖାନନଗର ପର୍ଯ୍ୟନ୍ତ ନଦୀ ବନ୍ଧ ବନ୍ୟା ଜଳରେ ବୁଡ଼ିବା ଅବସ୍ଥାକୁ ଆସିଯାଉଛି କିନ୍ତୁ କାଠଯୋଡ଼ି ନଦୀ ପଠା ବନ୍ୟା ସମୟରେ ବି ବୁଡୁନାହିଁ ବୋଲି ଦେଖିବାକୁ ପାଇଥିଲେ।

ତେଣୁ ବଡ଼ ବନ୍ୟା ସମୟରେ ଯୋବ୍ରା କାଳିଆବୁଦା, ପୁରୀଘାଟ, ଖାନନଗର ଆଦି ଅଞ୍ଚଳରେ ବନ୍ୟା ଜଳ କଟକ ସହରର ମୁଣ୍ଡ ଉପରେ ଦେଖିବାକୁ ପାଇଥିଲେ। ତେଣୁ ବଡ଼ ବନ୍ୟା ସମୟରେ ଯୋବ୍ରା, କାଳିଆବୁଦା, ପୁରୀଘାଟ, ଖାନନଗର ଅଞ୍ଚଳରେ ବନ୍ୟା ଜଳ କଟକ ସହରର ମୁଣ୍ଡରେ ରହୁଥିବା ବେଳେ କାଠଯୋଡ଼ିର ଏହି ବିରାଟ ନଦୀପଠା କାହିଁକି ବୁଡୁ ନାହିଁ ତାହାର କାରଣ ଖୋଜିଥିଲେ। ବଡ଼ ବନ୍ୟା ସମୟରେ ଯୋବ୍ରା, ଖାନନଗର ବେଲଭ୍ୟୁ ଏବଂ ନରାଜ ଆଦି ଅଞ୍ଚଳରେ କେତେ ଫୁଟ ଉଚ୍ଚତାରେ ବନ୍ୟା ଜଳ ପ୍ରବାହିତ ହେଉଛି ପ୍ରାଥମିକ ସ୍ତରରେ ତାହାର ହିସାବ ସଂଗ୍ରହ କଲେ। ଏଥିରୁ ସେ ଜାଣିବାକୁ ପାଇଲେ ଯେ ଉପରୋକ୍ତ ଜାଗାମାନଙ୍କ ଠାରୁ କାଠଯୋଡ଼ି ନଦୀ ପଠା ବା ଆଜିର ମର୍କତନଗର କଡ଼ ଦେଇ କ ଉଚ୍ଚରେ ବନ୍ୟା ଜଳ ନିଷ୍କାସିତ ହେଉଛି। ତେଣୁ ଏହି ନଦୀପଠାର ସୁରକ୍ଷା ବ୍ୟବସ୍ଥା କରାଗଲେ ଏଠାରେ ବଡ଼ ଜନବସତି ସୃଷ୍ଟି ହୋଇପାରିବ ବୋଲି ଚିନ୍ତା କରିଥିଲେ। ତାପରେ ସେ ପ୍ରଥମେ ବେଲଭ୍ୟୁ ଛକରୁ ନରାଜ ଯାଏ ନଦୀ ଏବଂ ପଠା କଡ଼େ କଡ଼େ ଏକ ବିଲର ହିଡ ସଦୃଶ ଛୋଟ ବନ୍ଧ ତିଆରି କରାଇଥିଲେ। ଯାହାକି କେବଳ ବାଲିରେ ତିଆରି ହୋଇଥିଲା। ସମୟ କ୍ରମେ ସେହି ନଦୀ ବନ୍ଧର ଉନ୍ନତି କରାଯାଇ ତାହା ଆଜି ପକ୍କା ରାସ୍ତାରେ ପରିଣତ ହୋଇଛି। ବନ୍ଧ ତିଆରି ପରେ ସମୁଦାୟ ଜାଗାକୁ ଛୋଟ ପ୍ଲଟ ଆକାରରେ ଲୋକଙ୍କୁ ଯୋଗାଇ ଦିଆଗଲା।

ଅନେକ ହୁଏତ ଜାଣିନଥିଲେ ଆଜି ଯେଉଁଠି ମର୍କତ ନଗର ଗଢ଼ି ଉଠିଛି ଦିନେ ସେଠିଥିଲା ସରକାରଙ୍କ ଓୟୁଏଟିର ଉନ୍ନତମାନର ଫାର୍ମ ହାଉସ। ୧୯୭୦ ଦଶକର କଥା। ସେତେବେଳେ ପୁରୁଣା କଟକ ସହରର ଶେଷ ଭାଗ ଥିଲା ଚହଟା। ଗୋଟିଏ ପଟେ ବେଲଭ୍ୟୁ ଛକରୁ ନରାଜ ଯାଏ, ଅନ୍ୟ ପଟେ ଚହଟା ଠାରୁ ଧବଳେଶ୍ୱର ଗଡ଼ା ଦେଇ ମହାନଦୀ କଡ଼େ କଡ଼େ ନରାଜ ପର୍ଯ୍ୟନ୍ତ ଏକ ବିରାଟ ଭୂଖଣ୍ଡ ଖାଲି ପଡ଼ିଥିଲା। ସେତେବେଳେ କିମ୍ବଦନ୍ତୀ ରାଜନେତା ବିଜୁ ପଟ୍ଟନାୟକ କଟକରେ ରହୁଥିଲେ। ସେ ଅନେକ ବାର ଏହି ପଠାକୁ ଆସିଥିଲେ ବୁଲିବା ପାଇଁ। ସେତେବେଳେ ଏହି ପଠାରେ ବିଭିନ୍ନ ପ୍ରକାର କୋଳି, ପିଜୁଳି, ଆମ୍ବ ଫଳୁଥିଲା। ବିଜୁ ପଟ୍ଟନାୟକ ଏଠାରେ ବୁଲାବୁଲି କରିବା ବେଳେ ଚିନ୍ତା କରିଥିଲେ ଯେ ଏଠାରେ କେବଳ ମନକୁ ଉଠିଥିବା ଗଛରେ ଯଦି ଏତେ ସୁନ୍ଦର ଫଳ ଫଳି ପାରୁଛି ତେବେ ଚାଷ ପଦ୍ଧତିରେ ଗଛ ଲଗାଯାଇ ପାରିଲେ ଲୋକେ ଉପକୃତ ହେବା ସହ ସରକାର ବି ରାଜସ୍ୱ ପାଇପାରିବେ।

ସେ ସମୟରେ ବୈଷୟିକ ଜ୍ଞାନକୌଶଳ ଏତେଟା ଉନ୍ନତି କରିନଥିଲା। ତେଣୁ ଏଠାରେ ଥିବା ଏତେ ବଡ଼ ନଦୀପଠାରେ କିପରି ଚାଷ କରାଯାଇପାରିବ ଏନେଇ ସେ ଓୟୁଏଟି ସହିତ ଆଲୋଚନା କରିଥିଲେ। ଓୟୁଏଟିର କୃଷି ବିଶାରଦମାନେ ପହଞ୍ଚି ସ୍ଥିତି ଦେଖିବା ପରେ ଏଠାରେ ଏକ ଫାର୍ମହାଉସ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ତାପରେ ଫାର୍ମ ନିର୍ମାଣ କାମ ଆରମ୍ଭ କରାଗଲା। ଫାର୍ମହାଉସର ଚାରି ପଟେ ତାର ଜାଲି ଲଗାଇ ଦିଆଗଲା। ଫାର୍ମ ହାଉସ ଭିତରେଜଳ ସେଚନ ନିମନ୍ତେ ତିନୋଟି ବଡ଼ ପମ୍ପ ହାଉସ ନିର୍ମାଣ ହେଲା। ତାପରେ ସତୀଚଉରା ଛକ ନିକଟରୁ ଏଠାକୁ ବିଦ୍ୟୁତ ତାର ଟଣା ଯାଇ ସଂଯୋଗ କରାଯାଇଥିଲା। ଏହି କାମ ପରେ ଏଠାରେ ବିଭିନ୍ନ ପନିପରିବା ଚାଷ କରାଗଲା। ଆମ୍ବ, କାଜୁ, ସେପେଟା, ପିଜୁଳି ଆଦି ଫଳ ଗଛ ଲଗାଗଲା। ତାହାକୁ ବାହାର ବଜାରରେ ବିକ୍ରି କରି ସରକାର ଲାଭବାନ ହୋଇଥିଲେ। ଏପରି ଧାରା ୧୯୮୦ମସିହା ପର୍ଯ୍ୟନ୍ତ ଚାଲିଲା। ସିଡ଼ିଏ ନିର୍ମାଣର ପରିକଳ୍ପନା ପରେ ଫାର୍ମ ହାଉସ ବନ୍ଦ କରିଦିଆଗଲା।

କଟକ ସର୍ବୋପରି ମର୍କତ ନଗରର ସମାଜ ଜୀବନର ଅନେକ ସୁଖଦୁଃଖ, ହସ, ବିଷାଦ, ଅଶ୍ରୁକାରୁଣ୍ୟ ରହିଛି। ପରମ୍ପରା ଓ ସଂସ୍କୃତି ହେଉଛି କଟକିଆ ଭାଇଚାରା। ଆଜିର କଟକ ସହର ଯେପରି ହଜାର ବର୍ଷର ସମାଜ ଜୀବନ ଉପରେ ଉଭା ହୋଇଛି ଠିକ ସେହିପରି ମର୍କତ ନଗର ମଧ୍ୟ ଚଳଚଞ୍ଚଳ ଓ ଅନେକ ପ୍ରାୟତଃ କଟକ ବାହାରର ବାସିନ୍ଦାମାନେ ମର୍କତ ନଗରକୁ ନିଜ ଠିକଣା ଭାବେ ଗ୍ରହଣ କଲେଣି।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫

ଗୁରୁବାର, ୨୭ ଜୁଲାଇ ୨୦୨୬, ଭୁବନେଶ୍ୱର Thursday, 27 Aujust 2026, Bhubaneswar











# ଏବେ ଅଧିକାରୀକ ରୂପେ କେରଳ ହେଲା 'କେରଳମ'

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):**କେନ୍ଦ୍ର ଗୃହ ମନ୍ତ୍ରାଳୟ କେରଳର ନୂଆ ନାମ ଭାବେ 'କେରଳମ' କୁ ଅଧିସୂଚିତ କରିଛନ୍ତି ଓ ଏହି ପରିବର୍ତ୍ତନ ମଙ୍ଗଳବାରଠାରୁ ଲାଗୁ ହୋଇଯାଇଛି। ମଙ୍ଗଳବାର ଜାରି ଏକ ଗେଜେଟ ନୋଟିଫିକେସନରେ ଗୃହମନ୍ତ୍ରାଳୟ କହିଛନ୍ତି ଯେ 'କେରଳ( ନାମ ପରିବର୍ତ୍ତନ) ଅଧିନିୟମ ୨୦୨୬ରଧାରା ୧ ଉପଧାରା (୨)ରେ ମିଳିଥିବା ଶକ୍ତି ଉପଯୋଗ କରି କେନ୍ଦ୍ର ସରକାର ୨୫ ଅଗଷ୍ଟ ୨୦୨୬ରେ ସେହି ତାରିଖ ନିର୍ଦ୍ଧାରିତ କରିଛନ୍ତି ଯେବେ ଉକ୍ତ ଅଧିନିୟମର ପ୍ରାବଧାନ ଲାଗୁ ହେବ'।ଗଣମାଧ୍ୟମ ରିପୋର୍ଟ ଅନୁସାରେ ଚଳିତମାସ ପ୍ରାରମ୍ଭରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେରଳର ନାମ ବଦଳାଇ 'କେରଳମ' କରୁଥିବା ବିଲ୍ କୁ ମଞ୍ଜୁରୀ ଦେଇଥିଲେ। ଏହା ପରେ ଏହି ଆଇନ ପ୍ରଣୟନ କରାଯାଇଛି। ଏହା ପୂର୍ବରୁ ଲୋକସଭାରେ ଅଗଷ୍ଟ ୧୧ ତାରିଖ ଦିନ କେରଳ (ନାମ ପରିବର୍ତ୍ତନ ବିଲ୍) ପାସ୍ କରାଯାଇଥିଲା ଏହା ପରେ ରାଜ୍ୟସଭା ଅଗଷ୍ଟ ୧୨ ତାରିଖରେ ଏହାକୁ ମଞ୍ଜୁରୀ ଦେଇଥିଲା। ରାଜ୍ୟସଭାରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ ଯେ କେରଳ ବିଧାନସଭା ୨୦୨୪ରେ ଏକ ପ୍ରସ୍ତାବ ଗୃହୀତ କରିଥିଲା, ଯେଉଁଥିରେ କେନ୍ଦ୍ରକୁ ରାଜ୍ୟର ନାମ ବଦଳାଇବାକୁ ଆଇନ ଆଣିବା ନିମନ୍ତେ ଆଗ୍ରହ କରାଯାଇଥିଲା।ନିତ୍ୟାନନ୍ଦ କହିଥିଲେ ଯେ 'ବିଲ୍ ରେ ଏହି ପ୍ରାବଧାନ ରହିଛି ଯେ କେରଳ ରାଜ୍ୟକୁ କେରଳମ ନାମରେ ଜଣାଯିବ, ଏଣୁ କେରଳ ନାମ ବଦଳାଇ କେରଳମ କରିବାକୁ ପ୍ରସ୍ତାବ ଦିଆଯାଇଛି'। କେରଳ ସରକାର ପ୍ରସ୍ତାବିତ ନାମ ପରିବର୍ତ୍ତନ କୁ ନେଇ ରାଜ୍ୟ ବିଧାନସଭା ଜୁନ ୨୦୨୪ କେନ୍ଦ୍ରକୁ ପ୍ରସ୍ତାବ ପଠାଇଥିଲା। ଏହା ପରେ ରାଷ୍ଟ୍ରପତି ମୁର୍ମୁ ବିଲ୍ ସମ୍ପର୍କରେ ରାଜ୍ୟର ରାୟ ଜାଣିବାକୁ ବିଧାନସଭାକୁ ପଠାଇ ଦେଇଥିଲେ। ଏହାପରେ ବିଧାନସଭା ସର୍ବ ସମ୍ମତିରେ ବିଲ ପ୍ରତି ସହମତ ହେବା ସାଙ୍ଗକୁ କେନ୍ଦ୍ରକୁ ଏକ ପ୍ରସ୍ତାବ ପଠାଇଥିଲା।

## ୟୁଏନ୍ କମିଟି ରିପୋର୍ଟକୁ ଭାରତର କଡ଼ା ପ୍ରତ୍ୟାଖ୍ୟାନ

# ଭିତ୍ତିହୀନ କହିଲା ବୈଦେଶିକ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):**ଜାତିଗତ ଭେଦଭାବ ଉଚ୍ଛେଦ ପାଇଁ ଉର୍ଦ୍ଦିଷ୍ଟ ସଂଯୁକ୍ତ ରାଷ୍ଟ୍ରର କମିଟି ରିପୋର୍ଟରେ ଭାରତ ସମ୍ପର୍କରେ କରାଯାଇଥିବା ଟିପ୍ପଣୀକୁ ଭାରତ ସରକାର ବୁଧବାର ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ରିପୋର୍ଟରେ ଥିବା ତଥ୍ୟଗୁଡ଼ିକ ରାଜନୈତିକ ପ୍ରେରିତ, ଉଦ୍ଦେଶ୍ୟମୂଳକ ଏବଂ ଭିତ୍ତିହୀନ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କଡ଼ା ଭାଷାରେ ସମାଲୋଚନା କରାଯାଇଛି।



ସୂଚନାଯୋଗ୍ୟ, ଅଗଷ୍ଟ ୧୧-୧୨ ତାରିଖରେ ଜେନେଭାଠାରେ ଅନୁଷ୍ଠିତ ଆଲୋଚନାରେ ଭାରତ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ନେତୃତ୍ୱରେ ଏକ ଆନ୍ତଃ-ମନ୍ତ୍ରଣାଳୟ ପ୍ରତିନିଧି ଦଳ ଅଂଶଗ୍ରହଣ କରିଥିଲେ। ତେବେ ଉକ୍ତ ଆଲୋଚନା ପରେ ୟୁଏନ୍ କମିଟି ଏକ ପ୍ରେସ ବିଜ୍ଞପ୍ତି ଜାରି କରି ଭାରତରେ ସଂଖ୍ୟାଲଘୁ, ଆଦିବାସୀ, ଅନୁସୂଚିତ ଜାତି (ଦଳିତ) ଏବଂ ବାହାର ଦେଶର ନାଗରିକଙ୍କ ପ୍ରତି ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ବ୍ୟାପକ ଅଧିକାର ଉଲ୍ଲଂଘନ ହେଉଥିବା ନେଇ ଚିନ୍ତା ପ୍ରକାଶ କରିଥିଲା । ୟୁଏନର ଏହି ଟିପ୍ପଣୀର ଉତ୍ତର ଦେଇ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଭାରତ ଏହି ସମୀକ୍ଷାରେ ସଜନଶୀଳ ଓ ସକାରାତ୍ମକ ମନୋଭାବ ନେଇ ଭାଗ ନେଇଥିଲା ଏବଂ ନିଜର ସାମ୍ବିଧାନିକ ସୁରକ୍ଷା, ଆଇନଗତ ବ୍ୟବସ୍ଥା, ବହୁମୁଖୀ ସଂସ୍କୃତି ଓ ସାମାଜିକ ସମାନତା ଉପରେ ସୂଚନା ଦେଇଥିଲା। କମିଟି ନିଜର ଆଇନଗତ ପରିସର ବାହାରକୁ ଯାଇ ଏପରି ସାଧାରଣୀକରଣ ଓ ଅଭିଯୋଗ ଆଣିଛି, ଯାହାକୁ ଭାରତୀୟ ପ୍ରତିନିଧି ମଣ୍ଡଳୀ ଆଲୋଚନା ବେଳେ ହିଁ ପ୍ରତ୍ୟାଖ୍ୟାନ କରିସାରିଛନ୍ତି। ନିର୍ଦ୍ଧାରିତ ଆନୁଷ୍ଠାନିକ ପ୍ରକ୍ରିୟା ମାଧ୍ୟମରେ ଭାରତ ଏହି ସମସ୍ତ ଟିପ୍ପଣୀର ଯଥାଯଥ ଉତ୍ତର ରଖିବ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

# ଅଶୋଧିତ ତେଲ ଦର ୮୬ ଡଲାରକୁ ହ୍ରାସ

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):**ମଧ୍ୟପ୍ରାଚ୍ୟରୁ ଆସିଥିବା ଆଶ୍ୱସ୍ତିକର ଖବର ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବଡ଼ ହ୍ରାସ ଘଟିଛି। ବୁଧବାର ବ୍ରେଣ୍ଟ କ୍ରୁଡ୍ ଦର ପ୍ରାୟ ୨ ପ୍ରତିଶତ ହ୍ରାସ ପାଇ ବ୍ୟାରେଲ ପିଛା ୮୬.୪୫ ଡଲାରରେ ପହଞ୍ଚିଛି। ଲଗାତାର ତୃତୀୟ ଦିନରେ ଅଶୋଧିତ ତେଲ ଦର ହ୍ରାସ ପାଇଛି। ଇରାନ ଓ ଆମେରିକା ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ପୁଣି ସ୍ୱାଭାବିକ କରିବା ପାଇଁ ଏକ ଅସ୍ଥାୟୀ ନୌ-ଚଳାଚଳ ବ୍ୟବସ୍ଥା ନେଇ ଆଲୋଚନା କରୁଛନ୍ତି। ଏଥିରେ ସୁରକ୍ଷିତ ନୌପଥ ଓ ଜଳପଥରେ ମାଇନ୍ ହଟାଇବା ନେଇ ଯୋଜନା ରହିଛି। ଏହି ଖବର ପ୍ରଭାବରେ ତେଲ ଦର ହ୍ରାସ ପାଉଛି।ବିଶ୍ୱ ତୈଳ ବଜାର ପାଇଁ ହର୍ମୁଜ୍ ପ୍ରଣାଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଜଳପଥ ଦେଇ ବିଶ୍ୱର ବହୁ ପରିମାଣର ତୈଳ ବାଣିଜ୍ୟ ହୋଇଥାଏ। ତେଣୁ ଏଠାରେ ଜାହାଜ ଚଳାଚଳ ସ୍ୱାଭାବିକ ହେବାର ସମ୍ଭାବନା ବଜାରରେ ଯୋଗାଣ ସଙ୍କଟ ନେଇ ଚିନ୍ତାକୁ କମାଇଛି। ଫଳରେ ତୈଳ ବଜାରରେ ବିକ୍ରି ଚାପ ବଢ଼ିଛି। ଆମେରିକା ପକ୍ଷରୁ ଇରାନ ଉପରେ ଆର୍ଥିକ ଚାପ ଓ ନୂଆ କଟକଣା ବଢ଼ାଯାଉଥିବା ସତ୍ତ୍ୱେ ତୈଳ ବଜାରର ପ୍ରତିକ୍ରିୟା ଏବେ ମୁଖ୍ୟତଃ ହର୍ମୁଜ୍ ପ୍ରଣାଳୀ ଖୋଲିବାର ସମ୍ଭାବନା ଉପରେ ନିର୍ଭର କରୁଛି। ସମ୍ପ୍ରତି ଆମେରିକା ପକ୍ଷରୁ ଇରାନ ସହ ସମ୍ପର୍କିତ ପ୍ରାୟ ୬୦ଟି ସଂସ୍ଥା ଉପରେ ନୂଆ କଟକଣା ଘୋଷଣା ହୋଇଥିଲେ ମଧ୍ୟ ବଜାରରେ ତାହାର ପ୍ରଭାବ ତୈଳ ଦର ବଢ଼ାଇବା ଦିଗରେ ଦେଖାଯାଇନାହିଁ।ଭାରତ ନିଜର ତୈଳ ଆବଶ୍ୟକତାର ବଡ଼ ଅଂଶ ଆମଦାନି ମାଧ୍ୟମରେ ପୂରଣ କରୁଥିବାରୁ ଅନ୍ତର୍ଜାତୀୟ ଅଶୋଧିତ ତୈଳ ଦର ହ୍ରାସ ଭାରତ ପାଇଁ ସକାରାତ୍ମକ ଖବର। ତୈଳ ଦର ଦୀର୍ଘ ସମୟ ଧରି ନିମ୍ନ ସ୍ତରରେ ରହିଲେ ଦେଶର ଆମଦାନି ବିଲ୍, ଚଳନ୍ତୀ ଖାତା ନିଅଣ୍ଟ ଓ ମୁଦ୍ରାସ୍ଫୀତି ଉପରେ ଚାପ ହ୍ରାସ ପାଇବ।

# ଗଙ୍ଗାରେ ଓଲଟ ଡଙ୍ଗା : ୬ଜଣ ଶ୍ରମିକ ନିଖୋଜ

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):**ବିହାରର ଭାଗଲପୁରରେ ୨୧ ଜଣ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବୁଧବାର ଓଲଟି ପଡ଼ିଛି। କୂଳକ୍ଷୟ ରୋକିବା ପାଇଁ ଶ୍ରମିକମାନେ ଗଙ୍ଗା ନଦୀ କୂଳରେ ବାଲି ବସ୍ତା ପକାଉଥିଲେ। ଏହି ସମୟରେ ଡଙ୍ଗାଟି ଓଲଟି ପଡିଥିଲା। ହଠାତ୍ ଗୋଟିଏ ଭାଗର ଓଜନ ବଢ଼ିଯିବା ଯୋଗୁଁ ଡଙ୍ଗାଟି ଓଲଟି ପଡ଼ି ଗଙ୍ଗା ନଦୀରେ ବୁଡ଼ି ଯାଇଥିଲା। ଡଙ୍ଗା ଓଲଟିବା ଯୋଗୁ ସମସ୍ତ ଶ୍ରମିକ ନଦୀରେ ପଡ଼ି ଯାଇଥିଲେ। ଉଦ୍ଧାରକାରୀ ଦଳ ୨୦ ଜଣ ଶ୍ରମିକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଛନ୍ତି। ଜଣେ ଶ୍ରମିକ ଏବେବି ନିଖୋଜ ଅଛନ୍ତି ଓ ତାଙ୍କୁ ଖୋଜା ଚାଲିଛି।

# ଏଚ୧ଏନ୍୧କୁ ଭୟଭୀତ ନୁହେଁ ସତର୍କ ରହିବାକୁ ଆଇଏମ୍ଏର ପରାମର୍ଶ

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):** ଏଚ୍୧ଏନ୍୧ ବା ସ୍ୱାଇନ ଫ୍ଲୁ ବୃଦ୍ଧି ଉପରେ ସତର୍କ ରହିବାକୁ ଭାରତୀୟ ମେଡିକାଲ ଆସୋସିଏସନ୍ ସାର୍ବଜନୀନ ସ୍ୱାସ୍ଥ୍ୟ ପରାମର୍ଶ ଜାରି କରିଛି। ଲୋକଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ଆଇଏମ୍ଏ କହିଛି। ବିନା ଡାକ୍ତରଙ୍କ ପରାମର୍ଶରେ ନିଜେ ନିଜେ ଔଷଧ ସେବନ ନ କରିବା ଓ ଆଣ୍ଟିବାୟୋଟିକ୍ ବ୍ୟବହାର କରିବା ଉପରେ ସର୍ତକ ରହିବାକୁ ପରାମର୍ଶ ଜାରି କରିଛି।ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ଦ୍ୱାରା କରାଯାଇଥିବା ପର୍ଯ୍ୟବେକ୍ଷଣରୁ ଭାଇରସ ଋତୁକାଳୀନ ଇନଫ୍ଲୁଏଞ୍ଜା ୧ (ଏଚ୍୧ଏନ୍୧) , ଏଥିରେ କୌଣସି ନୂତନ ଜେନେଟିକ୍ ପରିବର୍ତ୍ତନ ଚିହ୍ନଟ କରାଯାଇ ନାହିଁ। ଆଇଏମ୍ଏ କହିଛି ଯେ, ଇନଫ୍ଲୁଏଞ୍ଜା ୧ (ଏଚ୍୧ଏନ୍୧) ଏକ ଭାଇରାଲ୍ ରୋଗ ଓ ଆଣ୍ଟିବାୟୋଟିକ୍ ଭାଇରସକୁ ମାରିପାରେ ନାହିଁ। ଫ୍ଲୁ ଲକ୍ଷଣ ପାଇଁ ଆଜିଥ୍ରୋମାଇସିନ୍, ଆମୋକ୍ସିସିଲିନ୍-କ୍ଲାଭୁଲାନେଟ୍, ସେଫିକ୍ସାଇମ୍ କିମ୍ବା ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ସେବନ ନ କରିବାକୁ ଏହା ଚେତାବନୀ ଦେଇଛି। ଭାଇରାଲ୍ ଜ୍ୱର ବୃଦ୍ଧି ସମୟରେ ଅନିୟମିତ ଆଣ୍ଟିବାୟୋଟିକ୍ ବ୍ୟବହାର ସୁରକ୍ଷାତ୍ମକ ମାଇକ୍ରୋବାଇଓମ୍ ଫ୍ଲୋରାକୁ ନଷ୍ଟ କରିପାରେ ଓ ଆଣ୍ଟିମାଇକ୍ରୋବାୟଲ୍ ରେଜିଷ୍ଟାନ୍ସକୁ ଇନ୍ଧନ ଦେଇପାରେ। ଆଇଏମ୍ଏ ସ୍ପଷ୍ଟ କରିଛି ଯେ, କେବଳ ଡାକ୍ତରଙ୍କ ପରାମର୍ଶରେ ଆଣ୍ଟିବାୟୋଟିକ୍ସ ବ୍ୟବହାର କରାଯିବା ଉଚିତ ।

# ଲକ୍ଷ୍ନୌ-ବେଙ୍ଗାଲୁରୁ ଇଣ୍ଡିଗୋ ବିମାନକୁ ବୋମା ଧମକ

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):**ଲକ୍ଷ୍ନୌରୁ ବେଙ୍ଗାଲୁରୁ ଆସୁଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନକୁ ବୋମା ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବେଙ୍ଗାଲୁରୁସ୍ଥିତ କେମ୍ପେଗୌଡ଼ା ଆନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବାର ଅନ୍ତିମ ପର୍ଯ୍ୟାୟରେ ଥିବାବେଳେ ବିମାନ ନମ୍ବର ୬ଇ୨୩୧ ର କ୍ରିୟୁ ସଦସ୍ୟଙ୍କୁ ଏହି ବୋମା ଧମକ ସମ୍ପର୍କରେ ସୂଚନା ମିଳିଥିଲା। ଏହାପରେ ପାଇଲଟ୍ ଏବଂ କ୍ରିୟୁ ସଦସ୍ୟମାନେ ସମସ୍ତ ଆବଶ୍ୟକୀୟ ସୁରକ୍ଷା ନିୟମାବଳୀ ପାଳନ କରି ବୁଧବାର ସକାଳ ପ୍ରାୟ ୯.୪୦ ମିନିଟରେ ବିମାନଟିକୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ। ବିମାନଟି ଜମିରେ ଅବତରଣ କରିବା ମାତ୍ରେ ସୁରକ୍ଷା ଏଜେନ୍ସି ଏବଂ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସୂଚିତ କରାଯାଇଥିଲା। ପ୍ରାମାଣିକ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା (ଏସଓପି) ଅନୁଯାୟୀ ବିମାନଟିକୁ ଏକ ନିରାପଦ ସ୍ଥାନକୁ ନିଆଯାଇ ସୁରକ୍ଷା ବାହିନୀ ଦ୍ୱାରା ବ୍ୟାପକ ଯାଞ୍ଚ ଆରମ୍ଭ କରାଯାଇଛି। ସୁରକ୍ଷା ଦଳ ବିମାନର କ୍ୟାବିନ୍, ଯାତ୍ରୀଙ୍କ ସାମଗ୍ରୀ (ବ୍ୟାଗେଜ୍) ଏବଂ ଅନ୍ୟାନ୍ୟ ପ୍ରମୁଖ ଅଂଶଗୁଡ଼ିକୁ କଡ଼ାକଡ଼ି ଭାବେ ଯାଞ୍ଚ କରୁଛନ୍ତି। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ଏହି ଧମକଟି ମିଥ୍ୟା ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ କୌଣସି ରିସ୍କ ନନେଇ ପୂର୍ଣ୍ଣାଙ୍ଗ ତଦନ୍ତ ଜାରି ରଖିଛନ୍ତି। ବିମାନ ଓ ଯାତ୍ରୀମାନେ ସୁରକ୍ଷିତ ଥିବା ବେଳେ ସୁରକ୍ଷା ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଏହି ଧମକର ମୂଳ ଉତ୍ସ ଏବଂ ସତ୍ୟାସତ୍ୟ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି କର୍ତ୍ତୃପକ୍ଷ ଜଣାଇଛନ୍ତି।

# ୫ କିଲୋରୁ ଅଧିକ ମିଳିବନି ଚିନି! ଡି-ମାର୍ଟ, ବ୍ଲିଙ୍କିଟ୍‌ରେ ଲାଗିଲା ଲିମିଟ

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):**ଭାରତରେ ପର୍ବପର୍ବାଣୀର ମୁଖ୍ୟ ସିଜନ୍ ? ଆରମ୍ଭ ହେବା ପୂର୍ବରୁ ଚିନିର ଯୋଗାଣରେ ଅଭାବ ଦେଖାଦେଇଛି। ଏହାକୁ ନେଇ ଡି-ମାର୍ଟ ଭଳି ରିଟେଲର୍ ଏବଂ ବିଗ୍‌ବାସ୍କେଟ୍, ବ୍ଲିଙ୍କିଟ୍ ଓ ସ୍ୱିଗି ଇନ୍‌ଷ୍ଟାମାର୍ଟ ଭଳି କ୍ୱିକ୍ କମର୍ସ ପ୍ଲାଟଫର୍ମ ଗ୍ରାହକଙ୍କ ପାଇଁ ଚିନି କିଣିବା ଉପରେ ଲିମିଟ୍ ଲଗାଇବା ଆରମ୍ଭ କରିଛନ୍ତି।ଯୋଗାଣ ଅଭାବ ଯୋଗୁଁ ଗତ ଦୁଇ ମାସ ମଧ୍ୟରେ ଚିନିର ଖୁଚୁରା ଦର ପ୍ରାୟ ୪୦ ପ୍ରତିଶତ ବଢ଼ିଛି। କିଛି ରିଟେଲର୍ ଗ୍ରାହକଙ୍କୁ ୩ରୁ ୫ କିଲୋ ପର୍ଯ୍ୟନ୍ତ ଚିନି କିଣିବାକୁ ଅନୁମତି ଦେଉଛନ୍ତି।ଏହି ସମୟରେ ପ୍ୟାକେଜ୍ ଫୁଡ୍ ତିଆରି କରୁଥିବା କମ୍ପାନୀଗୁଡ଼ିକ କେବଳ ଚିନି ନୁହେଁ, ଖାଇବା ତେଲର ଦର ବଢ଼ିବା କାରଣରୁ ମଧ୍ୟ ଅଧିକ ଖର୍ଚ୍ଚର ସାମ୍ନା କରୁଛନ୍ତି। ଫଳରେ କମ୍ପାନୀଗୁଡ଼ିକର ଲାଭ ଉପରେ ଚାପ ବଢୁଛି।

# ମୋହନ ଭାଗବତଙ୍କ ଆମେରିକା ଗସ୍ତକୁ ନେଇ ବିବାଦ

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):**ନ୍ୟୁୟର୍କ ସିଟିର ପ୍ରଥମ ଭାରତୀୟ-ଆମେରିକୀୟ ମେୟର ଜୋହରାନ୍ ମାମଦାନି ଅଗଷ୍ଟ ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ କାର୍ଯ୍ୟକ୍ରମକୁ ଦୃଢ଼ ବିରୋଧ କରି ଏହାକୁ ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି, ମୁଁ ମାଡିସନ ସ୍କ ?ୟାର ଗାର୍ଡେନରେ ହେବାକୁ ଥିବା ବିଶାଳ ରାଲିକୁ ସମର୍ଥନ କରୁନାହିଁ। ଯଦିଓ ମେୟର ମାମଦାନି ସ୍ୱୀକାର କରିଛନ୍ତି ଯେ ସେ ନିଶ୍ଚିତ ନୁହନ୍ତି ଯେ ନଗର ପ୍ରଶାସନର ଏହାକୁ ବାତିଲ କରିବାର ଅଧିକାର ଅଛି କି ନାହିଁ, ଯୁକ୍ତରାଷ୍ଟ୍ରର ଅନେକ ପ୍ରମୁଖ ଆନ୍ତଃଧର୍ମ ଏବଂ ମାନବାଧିକାର ସଂଗଠନ ମଧ୍ୟ ଏହା ବିରୋଧରେ ମୁହଁ ଖୋଲିଛନ୍ତି।



ସାମ୍ବାଦିକ ସମ୍ମିଳନୀରେ ମେୟର ମାମଦାନୀ ମଧ୍ୟ ତାଙ୍କ ଭାରତୀୟ ଉତ୍ପତ୍ତି ଏବଂ ଭାରତର ଧର୍ମନିରପେକ୍ଷ ପ୍ରତିଛବି ବିଷୟରେ କହିଛନ୍ତି ଯେ, ତାଙ୍କ ମାଆଙ୍କ ସମ୍ପୂର୍ଣ୍ଣ ପରିବାର ଏବେ ବି ଭାରତରେ ବାସ କରନ୍ତି ଏବଂ ସେମାନଙ୍କର ଭାରତର ବିବିଧ ସଂସ୍କୃତି ପ୍ରତି ଗଭୀର ସମ୍ମାନ ଅଛି। ମାମଦାନୀଙ୍କ ଅନୁସାରେ, ତାଙ୍କ ପରିବାର ତାଙ୍କ ଭିତରେ ଏକ ବହୁବିଧ ଏବଂ ଧର୍ମନିରପେକ୍ଷ ସମାଜର ଭାବନା ସୃଷ୍ଟି କରିଥିଲେ ଯାହାକୁ ସମସ୍ତେ ଗ୍ରହଣ କରିବା ଉଚିତ୍। ସେ ବିଶ୍ୱାସ କରନ୍ତି ଯେ ଯେକୌଣସି ଦେଶରେ ଅନ୍ୟମାନଙ୍କୁ ବିଚ୍ଛିନ୍ନ କିମ୍ବା ବାଦ୍ ଦେଉଥିବା ଆନ୍ଦୋଳନ ଗଭୀର ଚିନ୍ତାଜନକ।ଆରଏସଏସ ମୁଖ୍ୟ ମୋହନ ଭାଗବତ ତାଙ୍କର ତିନି ରାଷ୍ଟ୍ରର ସରକାରୀ ଗସ୍ତର ଅଂଶ ଭାବରେ ମଙ୍ଗଳବାର ନ୍ୟୁୟର୍କ ସହରରେ ପହଞ୍ଚିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଗସ୍ତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ପାଳନ ପାଇଁ ଆୟୋଜିତ ହେଉଥିବା ବିଶ୍ୱସ୍ତରୀୟ ପ୍ରଚାର ଅଭିଯାନର ଏକ ପ୍ରମୁଖ ଅଂଶ। ଏହି ୧୭ ଦିନିଆ ଐତିହାସିକ ବିଦେଶ ଗସ୍ତ ସମୟରେ, ସେ ଆମେରିକା ପରେ ଭାରତୀୟ ବଂଶୋଦ୍ଭବ ଲୋକଙ୍କ ସହିତ ଭାବ ବିନିମୟ କରିବା ପାଇଁ କାନାଡା ଏବଂ ବ୍ରିଟେନ ମଧ୍ୟ ଯାତ୍ରା କରିବେ। ଆଶା କରାଯାଉଛି ଯେ ପ୍ରାୟ ୫ ହଜାର ଭାରତୀୟ ସମ୍ପ୍ରଦାୟର ସଦସ୍ୟ ମାଡିସନ ସ୍କୟାର ଗାର୍ଡେନରେ ସର୍ବଭୌମିକ ଏକତାର ଉତ୍ସବରେ ଯୋଗ ଦେଇପାରନ୍ତି।ଆମେରିକାର ଧାର୍ମିକ ସ୍ୱାଧୀନତା କମିସନ ସମ୍ପ୍ରତି ସଂଘ ବିରୋଧରେ କଠୋର ପ୍ରତିବନ୍ଧକ ସୁପାରିଶ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କମିସନଙ୍କ ସୁପାରିଶକୁ ସମ୍ପୂର୍ଣ୍ଣ ପକ୍ଷପାତପୂର୍ଣ୍ଣ ବୋଲି କହି ଖଣ୍ଡନ କରିଛି। ନ୍ୟୁୟର୍କ ସିଟି ହଲ୍ ବାହାରେ ଅନେକ ଆନ୍ତଃଧର୍ମ ଗୋଷ୍ଠୀ ଏହି କାର୍ଯ୍ୟକ୍ରମକୁ ବାତିଲ କରିବା ଦାବି କରି ପ୍ରତିବାଦ କରିଥିଲେ।ତେବେ ଆମେରିକୀୟ ଗାୟିକା ମେରୀ ମିଲବେନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରି ମେୟର ମାମଦାନୀ ଏବଂ ଅନ୍ୟ ସମାଲୋଚକମାନଙ୍କୁ ନିନ୍ଦା କରିଛନ୍ତି। ମିଲବେନ ଅଭିଯୋଗ କରିଛନ୍ତି, ଭାଗବତଙ୍କ ବିରୋଧୀମାନେ କେବଳ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାରତୀୟ ଜନତା ପାର୍ଟିକୁ ବିରୋଧ କରି ଏହି କାର୍ଯ୍ୟକ୍ରମର ପ୍ରତିବାଦ କରୁଛନ୍ତି। ମାମଦାନୀ ଏବଂ ଏହି ସମସ୍ତ ସମାଜବାଦୀମାନେ ମାଡିସନ ସ୍କୟାର ଗାର୍ଡେନରେ ମୋହନ ଭାଗବତଙ୍କ କାର୍ଯ୍ୟକ୍ରମର ପ୍ରତିବାଦ କରୁଛନ୍ତି କାରଣ ସେମାନେ ପ୍ରଧାନମନ୍ତ୍ର

## ଶାହାଙ୍କ ସୁରକ୍ଷା ଯୋଜନା

# ୨୦ ବର୍ଷ ପୂର୍ବରୁ ବିପଦ ଚିହ୍ନଟ କରିବା ବ୍ୟବସ୍ଥା ନିର୍ମାଣ ହେବ

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):**ନୂଆଦିଲ୍ଲୀରେ ଦୁଇ ଦିନିଆ ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀ (ଏନ୍ଏସ୍ଏସ୍ସି)ର ଶେଷ ଅଧିବେଶନରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ଭାରତକୁ ଏକ ସକ୍ରିୟ ସୁରକ୍ଷା ବ୍ୟବସ୍ଥା ନିର୍ମାଣ କରିବାକୁ ପଡିବ ଯାହା ୧୫ ରୁ ୨୦ ବର୍ଷ ପୂର୍ବରୁ ଉଦୀୟମାନ ବିପଦଗୁଡ଼ିକୁ ଚିହ୍ନଟ କରିବ ଓ ସେଗୁଡ଼ିକୁ ବଡ଼ ଚ୍ୟାଲେଞ୍ଜରେ ପରିଣତ ହେବାରୁ ରୋକିବ। ସେ କହିଛନ୍ତି ଯେ, ସୁରକ୍ଷା ନୀତି କେବଳ ବିଦ୍ୟମାନ ବିପଦଗୁଡ଼ିକର ମୁକାବିଲା କରିବା ଉପରେ ଧ୍ୟାନ ଦେବା ଉଚିତ ନୁହେଁ ବରଂ ଅନ୍ତର୍ଜାତୀୟ ଓ ଜାତୀୟ ଧାରାଗୁଡ଼ିକର ଅଧ୍ୟୟନ କରିବା ଉଚିତ ଓ ସମ୍ଭାବ୍ୟ



ସମସ୍ୟାଗୁଡ଼ିକ ଦେଖାଦେବା ପୂର୍ବରୁ ସେଗୁଡ଼ିକୁ ପୂର୍ବାନୁମାନ କରିବା ଉଚିତ।ଶାହ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଓ ସେହି ଲକ୍ଷ୍ୟ ହାସଲ ପାଇଁ ଦୃଢ଼ ଆଭ୍ୟନ୍ତରୀଣ ସୁରକ୍ଷା ହେଉଛି ପ୍ରଥମ ସର୍ତ୍ତ। ସେ କହିଛନ୍ତି ଯେ, ଯଦି ଭାରତ ବିଭିନ୍ନ କ୍ଷେତ୍ରରେ ବିଶ୍ୱକୁ ନେତୃତ୍ୱ ଦେବାକୁ ଚାହେଁ, ତେବେ ତାକୁ ଏକ ଦୃଢ଼ ଓ ସ୍ଥିର ସୁରକ୍ଷା ପରିବେଶ ବଜାୟ ରଖିବାକୁ ପଡିବ। ସେ କହିଛନ୍ତି ଯେ, ଏନ୍ଏସ୍ଏସ୍ସି ଆଗାମୀ ୧୫ ରୁ ୨୦ ବର୍ଷ ମଧ୍ୟରେ ଅନ୍ତର୍ଜାତୀୟ ଧାରା ଅଧ୍ୟୟନ କରିବା ଉଚିତ ଓ ଭବିଷ୍ୟତରେ କେଉଁ ନୂତନ ସମସ୍ୟା ଦେଖାଦେଇପାରେ ତାହା ନିର୍ଣ୍ଣୟ କରିବା ଉଚିତ। ସୁରକ୍ଷା ଏଜେନ୍ସିଗୁଡ଼ିକୁ ସେହି ଚ୍ୟାଲେଞ୍ଜଗୁଡ଼ିକୁ ରୋକିବା ପାଇଁ ଏବେ ରଣନୀତି ପ୍ରସ୍ତୁତ କରିବାକୁ ପଡିବ।

# ହିଜାବ ଉପରେ କୋର୍ଟଙ୍କ ନିର୍ଦ୍ଦେଶକୁ ଓୱେସୀଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):**ଅଲ୍ ଇଣ୍ଡିଆ ମଜଲିସ୍-ଏ-ଇତ୍ତ ହାଦୁଲ୍ ମୁସଲିମିନ୍ (ଏଆଇଏମ୍ଆଇଏମ୍) ମୁଖ୍ୟ ତଥା ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ୍ ଅୱେସୀ ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ନିନ୍ଦା କରିଛନ୍ତି। ଆହ୍ଲାବାଦ ହାଇକୋର୍ଟ ଜଣେ ମୁସଲିମ୍ ଝିଅ ସ୍କୁଲରେ 'ହେଡ୍‌ସ୍କାର୍ଫ' ପିନ୍ଧିବାକୁ କରିଥିବା ଆବେଦନକୁ ଖାରଜ କରିଦେଇଥିଲେ। ଏହି ରାୟକୁ ଇସଲାମ ଉପରେ ଆକ୍ରମଣ ବୋଲି ଅଭିହିତ କରି ଅୱେସି କହିଛନ୍ତି ଯେ, ଇସଲାମ ପାଇଁ କ'ଣ ଜରୁରୀ ଓ କ'ଣ ନୁହେଁ ତାହା ବିଚାରପତିମାନେ ନିଷ୍ପତ୍ତି ନେବା ଉଚିତ୍ ନୁହେଁ।ଅଗଷ୍ଟ ୨୧ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଆହ୍ଲାବାଦ ହାଇକୋର୍ଟ ସ୍ପଷ୍ଟ କରିଥିଲେ ଯେ, କୌଣସି ଛାତ୍ରଙ୍କ ବ୍ୟକ୍ତିଗତ ପସନ୍ଦ ଅନୁଯାୟୀ ଶିକ୍ଷାନୁଷ୍ଠାନ ଦ୍ୱାରା ନିର୍ଦ୍ଧାରିତ ଡ୍ରେସ୍ କୋଡ୍ ପରିବର୍ତ୍ତନ କରିବାର ଅଧିକାର ନାହିଁ । ସ୍କୁଲ କର୍ତ୍ତୃପକ୍ଷଙ୍କୁ ଆବେଦନକାରୀଙ୍କୁ ସ୍କୁଲ ଦ୍ୱାରା ନିର୍ଦ୍ଧାରିତ ୟୁନିଫର୍ମ ସହିତ ହେଡ୍ ସ୍କାର୍ଫ ପିନ୍ଧିବାକୁ ଅନୁମତି ଦେବା



ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରୁଥିବା ଜଣେ ଛାତ୍ରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଥିଲେ ।ପ୍ରୟାଗରାଜର ଏକ ଘରୋଇ ସ୍କୁଲର ଛାତ୍ରୀ ଜଣେ ନାବାଳିକା ଝିଅ ଏହି ଆବେଦନ ଦାଖଲ କରିଥିଲେ। ଝିଅଟି ହାଇସ୍କୁଲ ପାସ୍ କରିଛି ଓ ସେହି ଶିକ୍ଷାନୁଷ୍ଠାନରେ ଏକାଦଶ ଶ୍ରେଣୀରେ ପ୍ରବେଶ କରିବାକୁ ଚାହୁଁଛି। ଜଷ୍ଟିସ ଜେଜେ ମୁନିର୍ ଓ ଇନ୍ଦ୍ରଜିତ ଶୁକ୍ଲାଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ଯୁକ୍ତିକୁ ଖାରଜ କରିଛନ୍ତି ଯେ, ମୁଣ୍ଡରେ ସ୍କାର୍ଫ ପିନ୍ଧିବା ଏକ ଅତ୍ୟାବଶ୍ୟକ ଇସଲାମିକ ଅଭ୍ୟାସ।

# କର୍ଣ୍ଣାଟକରେ 'ବନ୍ଦେ ମାତରମ୍'ର ଦୁଇ ପଦ ବୋଲା ଯିବ

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):**ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ଦୁଇଟି ଓ ଛଅଟି ପଦ ଗାନ କରିବାକୁ ନେଇ ବିବାଦ ମଧ୍ୟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି ଯେ, ସେ ସରକାରୀ ଓ ସାର୍ବଜନୀନ କାର୍ଯ୍ୟକ୍ରମରେ କେବଳ 'ବନ୍ଦେ ମାତରମ୍'ର ପ୍ରଥମ ଦୁଇଟି ପଦ ଗାଇବା ପାଇଁ କଂଗ୍ରେସର ନିଷ୍ପତ୍ତିରେ ଅଟଳ ରହିବେ। କର୍ଣ୍ଣାଟକରେ ଏକ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ସମସ୍ତ ଛଅଟି ପଦ ଗାନକୁ ଖାରଜ କରି ଶିବକୁମାର କହିଛନ୍ତି ଯେ, ତାଙ୍କ ଅଜାଣତରେ ଏହି ନିଷ୍ପତ୍ତି ନିଆଯାଇଥିଲା। କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲ୍ୟୁସି) ଗତ ସପ୍ତାହରେ ଦଳର ୧୯୩୭ ମସିହାର ପ୍ରସ୍ତାବକୁ ପୁନଃସ୍ଥାପିତ କରି, ସାର୍ବଜନୀନ ଓ ଜାତୀୟ ସମାବେଶରେ କେବଳ ବନ୍ଦେ ମାତରମର ପ୍ରଥମ ଦୁଇଟି ପଦ ଗାନ କରାଯିବା ଉଚିତ ବୋଲି ନିଷ୍ପତ୍ତି ନେଇଥିଲା।ନୂତନ ବନ୍ଦେ ମାତରମ ବିଲ୍ ଦ୍ୱାରା ଜାତୀୟ ଗୀତର ସମସ୍ତ ପଦ ଗାଇବା ବାଧ୍ୟତାମୂଳକ କରାଯିବା ପରେ ଓ ଏହାର ପରିବେଷଣକୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୈତିକ ବିବାଦ ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ଭାରତୀୟ ରାଜନୀତିରେ ତୁଷ୍ଟିକରଣ ରାଜନୀତି ଉପରେ ମତାମତ




ଦେଇ ଶିବକୁମାର କହିଛନ୍ତି ଯେ, କଂଗ୍ରେସ ବିବିଧତାରେ ବିଶ୍ୱାସ କରେ ଓ ବିଜେପି ତୁଷ୍ଟିକରଣ ରାଜନୀତି କରୁଥିବାର ଅଭିଯୋଗ ଆଣିଛନ୍ତି।ବିଜେପି କଂଗ୍ରେସ ଦ୍ୱାରା ବନ୍ଦେ ମାତରମ୍ ଉପରେ ନିଆଯାଇଥିବା ନିଷ୍ପତ୍ତିକୁ ସମାଲୋଚନା କରି ଜାତୀୟ ଗୀତକୁ ଅପମାନିତ କରୁଥିବା ଅଭିଯୋଗ ଆଣିଥିଲା ଓ ଦଳ ତୁଷ୍ଟୀକରଣ ରାଜନୀତିରେ ଲିପ୍ତ ଥିବା ଅଭିଯୋଗ କରିଥିଲା। ଶିବକୁମାର କହିଥିଲେ ଯେ, ଭାରତ ବିଭିନ୍ନ ଭାଷା, ସଂସ୍କୃତି ଓ ଅଞ୍ଚଳର ଦେଶ ଏବଂ ସମସ୍ତଙ୍କୁ ସମ୍ମାନ କରାଯିବା ଉଚିତ ବୋଲି ଗୁରୁତ୍ୱାରୋପ କରିଥିଲେ।

## ଯୋଗୀଙ୍କ ପରେ ଅଖିଳେଶଙ୍କ ଘୋଷଣା

# ମହିଳାଙ୍କୁ ବାର୍ଷିକ ୪୦ ହଜାର, ସପ୍ତାହରେ ୨ ଦିନ ଛୁଟି

**ନୂଆଦିଲ୍ଲୀ, ୨୬।୮(ଏଜେନ୍ସି):** ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଉତ୍ତରପ୍ରଦେଶରେ ନିର୍ବାଚନୀ ମାହୋଲର ପ୍ରାୟ ୭ ମାସ ପୂର୍ବରୁ ମହିଳାଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି। ସପା ମୁଖ୍ୟ ଅଖିଳେଶ ଯାଦବ ଏବଂ ତାଙ୍କ ପତ୍ନୀ ଡିମ୍ପଲ ଯାଦବ ମହିଳା କଲ୍ୟାଣ ସହ ଜଡ଼ିତ ଘୋଷଣା କରି କହିଛନ୍ତି ଯେ, ଗରିବ ମହିଳାଙ୍କୁ ୪୦ ହଜାର ଟଙ୍କାର ସହାୟତା ଦିଆଯିବ। ପ୍ରତିବର୍ଷ ଏହି ରାଶି ବୃଦ୍ଧି କରାଯିବ। ଏହି ଯୋଜନାର ନାମ 'ସ୍ତ୍ରୀ ସମ୍ମାନ ସମୃଦ୍ଧି ଯୋଜନା' ରଖାଯାଇଛି।ଏହାର ଗୋଟିଏ ଦିନ ପୂର୍ବରୁ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର କ୍ୟାବିନେଟ୍ ବୈଠକରେ ଛାତ୍ରଛାତ୍ରୀଙ୍କୁ ୨୫ ଲକ୍ଷ ମାଗଣା ଲାପଟପ୍ ସହିତ ୬୦ ବର୍ଷରୁ ଅଧିକ ବୟସର ମହିଳାଙ୍କ ପାଇଁ 'ଅହଲ୍ୟାବାଇ ଯୋଜନା' ଘୋଷଣା କରିଥିଲେ। ଏହି ବୟସ୍କ ମହିଳାମାନଙ୍କୁ ମାଗଣା ବସ୍ ଯାତ୍ରାର ସୁବିଧା ଦିଆଯିବ।ଡିମ୍ପଲ ଯାଦବ କହିଛନ୍ତି ଯେ, ସମାଜବାଦୀ ପାର୍ଟି 'ସ୍ତ୍ରୀ ସମ୍ମାନ ସମୃଦ୍ଧି ଯୋଜନା' ଆରମ୍ଭ କରିବାକୁ ଯାଉଛି। ମୋବାଇଲ୍, ଲାପଟପ୍, ଅର୍ଥ ସହାୟତା, ପାଠଶାଳା ଏବଂ ପ୍ରଶିକ୍ଷଣ ମାଧ୍ୟମରେ ମହିଳା ସଶକ୍ତୀକରଣ ଉପରେ କାମ କରାଯିବ। ମହିଳାଙ୍କୁ ୪୦ ହଜାର ଟଙ୍କାର ସହାୟତାରୁ ଏହି ଯୋଜନା ଆରମ୍ଭ ହେବ ଏବଂ ପ୍ରତିବର୍ଷ ଏହି ରାଶି ବୃଦ୍ଧି କରାଯିବ। ପିଡିଏର 'ଏ'ର ଅର୍ଥ ହେଉଛି ଅଧା ଜନସଂଖ୍ୟା। ମହିଳାଙ୍କୁ ସରକାରୀ ଚାକିରିରେ ୩୩ ପ୍ରତିଶତ ସଂରକ୍ଷଣ ଦିଆଯିବ ବୋଲି ମଧ୍ୟ କୁହାଯାଇଛି।ସମାଜବାଦୀ ପାର୍ଟି ସରକାରକୁ ଆସିଲେ ଦ୍ୱାଦଶ ଶ୍ରେଣୀ ପାସ୍ କରୁଥିବା ପ୍ରତ୍ୟେକ ଛାତ୍ରୀଙ୍କୁ ମାଗଣା ଲାପଟପ୍ ଦିଆଯିବ। ସରକାରୀ ସ୍କୁଲରେ ସମ୍ପୂର୍ଣ୍ଣ



ଫି' ଛାଡ଼ କରାଯିବ ଏବଂ ଘରୋଇ ସ୍କୁଲରେ ଅଧା ଫି' ଦେବାକୁ ପଡ଼ିବ। ପ୍ରତି ମାସରେ ଅତି କମରେ ଦୁଇ ଦିନ ଆକସ୍ମିକ ଛୁଟି ଦେବାର ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ତହସିଲରେ ଗୋଟିଏ ଡିଗ୍ରି କଲେଜ ଏବଂ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ବିଶ୍ୱବିଦ୍ୟାଳୟ ନିର୍ମାଣ କରାଯିବ।ସାରା ରାଜ୍ୟରେ ମହିଳାଙ୍କୁ ମାଗଣା ବସ୍ ଯାତ୍ରାର ସୁବିଧା ଦିଆଯିବ। ପ୍ରତ୍ୟେକ ବିଧବା ଏବଂ ଅସହାୟ ମହିଳାଙ୍କୁ ସରକାରୀ ପକ୍କା ଘର ଦିଆଯିବ। କୌଣସି ନିରାଶ୍ରୟ ମହିଳାଙ୍କ ମୃତ୍ୟୁ ହେଲେ ସମ୍ମାନଜନକ ଅନ୍ତିମ ସଂସ୍କାରର ଦାୟିତ୍ୱ ସରକାର ନେବବନ୍ଦ ହୋଇଥିବା ୨୬ ହଜାରରୁ ଅଧିକ ସ୍କୁଲକୁ ପୁଣି ଖୋଲାଯିବ। ମହିଳା ଅପରାଧ ସମ୍ପର୍କିତ ମାମଲା ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବାର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି।ଅଖିଳେଶ ଯାଦବ କହିଛନ୍ତି, ଆଜି ଯେତେବେଳେ ଆମେ ଏହି ଯୋଜନା ବିଷୟରେ କହୁଛୁ, ସେତେବେଳେ ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି। ସମାଜବାଦୀ ପାର୍ଟି ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାମ ହୋଇଥିଲା।ଜାପାନର ଏକ ପ୍ରତିନିଧିମଣ୍ଡଳ ଆସିଥିବା ବେଳେ ୧୦୯୦ ସେବାର ବ୍ୟବହାର କରାଯାଇଥିଲା। ଯୋଗୀ ସରକାର ଏବେ ମହିଳାଙ୍କ ପାଇଁ କ'ଣ କରୁଛି ତାହା ଦେଖାଉଛି। 'ସ୍ତ୍ରୀ ସମ୍ମାନ ସମୃଦ୍ଧି ଯୋଜନା' ସମାଜବାଦୀ ପାର୍ଟିର ନିର୍ବାଚନୀ ଇସ୍ତାହାରର ଅଂଶ ହେବ।ସମାଜବାଦୀ ପାର୍ଟି ସରକାରରେ ମହିଳାଙ୍କ ସୁରକ୍ଷା ସହ କୌଣସି ସାଲିସ୍ କରାଯିବ ନାହିଁ। ଅଧା ଜନସଂଖ୍ୟାର ସ୍ୱାଧୀନତା ପାଇଁ ସଂକଳ୍ପ ନିଆଯାଇଛି। ଏହା ଅଧୀନରେ ପ୍ରତିବର୍ଷ ମହିଳାଙ୍କୁ ୪୦ ହଜାର ଟଙ୍କା ଦିଆଯିବ। ୟୁପିରେ କେତେ ମହିଳା ଜନସଂଖ୍ୟା ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ୨୦୨୨ର ଭୋଟର ତାଲିକା ଅନୁସାରେ, ରାଜ୍ୟରେ ପ୍ରାୟ ୬.୯୮ କୋଟି ମହିଳା ଭୋଟର ଥିଲେ। ଯେତେବେଳେ ମୋଟ ଭୋଟରଙ୍କ ସଂଖ୍ୟା ପ୍ରାୟ ୧୫ କୋଟି ଥିଲା। ୨୦୨୨ରେ ଉତ୍ତରପ୍ରଦେଶର ମୋଟ ଆନୁମାନିକ ଜନସଂଖ୍ୟା ପ୍ରାୟ ୨୩ରୁ ୨୪ କୋଟି ମଧ୍ୟରେ ଥିଲା।



## ଇନ୍‌ଷ୍ଟାମାର୍ଟରେ ପ୍ରିମିୟମ ରାକ୍ଷୀ ଚାହିଦାରେ ୨୦ ଗୁଣ ବୃଦ୍ଧି

**ଭୁବନେଶ୍ୱର, ୨୬।୮ (ନି.ପ୍ର) :** ରକ୍ଷାବନ୍ଧନରୁ ଆରମ୍ଭ ହେଉଥିବା ପାର୍ବଣ ଋତୁ ପାଇଁ ଭାରତ ପ୍ରସ୍ତୁତ ହେଉଥିବା ବେଳେ, ଇନଷ୍ଟାମାର୍ଟରେ ପ୍ରିମିୟମ ଓ ଜୁଏଲାରୀ-ଇନ୍ସପାୟାର୍ଡ ରାକ୍ଷୀ ପ୍ରତି ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳୁଛି, ଯେଉଁଥିରେ ଗ୍ରାହକମାନେ ପାରମ୍ପରିକ ସୂତା ରାକ୍ଷୀ ପରିବର୍ତ୍ତେ ପ୍ରିମିୟମ ଓ ମୂଲ୍ୟବାନ ରାକ୍ଷୀ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ଇନ୍‌ଷ୍ଟାମାର୍ଟରେ ପ୍ରିମିୟମ ରାକ୍ଷୀ ଚାହିଦାରେ ଗତବର୍ଷ ତୁଳନାରେ ୨୦ ଗୁଣ ବୃଦ୍ଧି ଘଟିଥିବା ବେଳେ ସିଲ୍‌ଭର ଡିଜାଇନ ପାଇଁ ମଜବୁତ ଚାହିଦା ଦେଖିବାକୁ ମିଳୁଛି ଏବଂ କଲ୍ୟାଣ ଜୁଏଲର୍ସ, ପାଲ୍‌ମୋନାସ ଓ ଜିଭା ଭଳି ଜୁଏଲାରୀ ବ୍ରାଣ୍ଡଗୁଡିକ ପାଇଁ ସନ୍ଧାନ ବୃଦ୍ଧି ପାଇଛି। ସମଗ୍ର ରାକ୍ଷୀ ଉପହାର ବର୍ଗରେ ଚଳିତ ବର୍ଷ ପ୍ରାୟ ୩ ଗୁଣ ବୃଦ୍ଧି ହେବାର ସମ୍ଭାବନା ରହିଛି। କଲ୍ୟାଣ ଜୁଏଲର୍ସର ୯୨୫ ତ୍ରିପୁଣ୍ଡ୍ରା ତ୍ରିଶୂଳ ରାକ୍ଷୀ ଏବଂ ୯୨୫ ଗଣେଶ ରାଖୀ (ଉଭୟ ୧ ଗ୍ରାମ ରୂପା) ପ୍ଲାଟଫର୍ମର ପ୍ରମୁଖ ପ୍ରିମିୟମ ରାକ୍ଷୀ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି, ଏହାସହିତ ପଲମୋନାସର ୱାଟରପ୍ରୁଫ୍, ଆଂଟି-ଟାର୍ନିସ୍ ଡିଜାଇନ୍ ଲୋଟସ୍, ଡିଜାଇନ୍ ଓମ୍ ଏବଂ ସର୍କଲ୍ ଅଫ୍ ଲଭ୍ ରାକ୍ଷୀ ମଧ୍ୟ ସାମିଲ ରହିଛି। ଚଳିତ ରକ୍ଷାବନ୍ଧନରେ, ଇନଷ୍ଟାମାର୍ଟ ୯ ଟଙ୍କାରୁ ୯୯୯ ଟଙ୍କା ମଧ୍ୟରେ ବିଭିନ୍ନ ଶୈଳୀ, ଫର୍ମାଟ୍ ଏବଂ ମୂଲ୍ୟରେ ରାକ୍ଷୀର ଏକ ବିସ୍ତୃତ ସଂଗ୍ରହ ପ୍ରଦାନ କରୁଛି, ଯେଉଁଥିରେ ପ୍ରତ୍ୟେକ ଭାଇ-ଭଉଣୀଙ୍କ ପାଇଁ ସରଳ ଦୈନନ୍ଦିନ ପସନ୍ଦଠାରୁ ଆରମ୍ଭ କରି ଆକର୍ଷଣୀୟ ଓ ସ୍ୱତନ୍ତ୍ର ଡିଜାଇନ୍ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏସମ୍ପର୍କରେ ଇନ୍‌ଷ୍ଟାମାର୍ଟରେ ମୁଖ୍ୟ ବାଣିଜ୍ୟ ଅଧିକାରୀ ଗୌତମ ସ୍ୱରୂପ କହିଛନ୍ତି, 'ଗ୍ରାହକଙ୍କ ଆବଶ୍ୟକତା, ପସନ୍ଦ ଓ ଫେଷ୍ଟିଭାଲ ଟ୍ରେଣ୍ଡ ନିରନ୍ତର ବିକଶିତ ହେଉଥିବାରୁ, ଆମେ ଇନଷ୍ଟାମାର୍ଟକୁ ଦୈନନ୍ଦିନ ସାମଗ୍ରୀଠାରୁ ଆରମ୍ଭ କରି ପ୍ରିମିୟମ ଓ ସ୍ୱତନ୍ତ୍ର ଉତ୍ପାଦ ପର୍ଯ୍ୟ' ଏକ ବିସ୍ତୃତ ଏବଂ ଅଧିକ ଭିନ୍ନ ସଂଗ୍ରହ ପ୍ରଦାନ କରିବା ପାଇଁ ଗଠନ କରିଛୁ। ଆମେ ଆମର ପ୍ରିମିୟମ ପ୍ରଡକ୍ଟଗୁଡ଼ିକ ପ୍ରତି ଗ୍ରାହକଙ୍କର ଦୃଢ଼ ଆଗ୍ରହ ଦେଖିବାକୁ ପାଉଛୁ, ଯାହା ଉନ୍ନତ ବିକଳ୍ପ ଏବଂ ଅନ୍ୱେଷଣ ପାଇଁ ବଢୁଥିବା ପସନ୍ଦକୁ ପ୍ରତିଫଳନ କରୁଛି। ଏହି ଚାହିଦାକୁ ପୂରଣ କରିବା ପାଇଁ, ଇନଷ୍ଟାମାର୍ଟ ଏହାର ସେଲର୍‌ଙ୍କ ମାଧ୍ୟମରେ ସ୍ୱରୋଭସ୍କି, ଜିଭା, ନେଷ୍ଟାସିଆ, କଲ୍ୟାଣ ଜୁଏଲର୍ସ ଏବଂ ପଲମୋନାସ ଭଳି ବ୍ରାଣ୍ଡଗୁଡିକରେ ପରିବ୍ୟାପ୍ତ ଏକ ବିସ୍ତୃତ ପ୍ରିମିୟମ ସଂଗ୍ରହ ପ୍ରସ୍ତୁତ କରିଛି, ଯେଉଁଥିରେ ଶ୍ରଦ୍ଧା କପୁରଙ୍କ ପଲମୋନାସ ରାକ୍ଷୀ ସାମିଲ ଅଛି। ଏଥିସହ ଭାରତର ଯେକୌଣସି ପଲମୋନାସ ଷ୍ଟୋରରୁ ଯେକୌଣସି କ୍ରୟ ଉପରେ ୩୪୯୯ ମୂଲ୍ୟର ଏକ ପଲମୋନାସ ଡାଇମଣ୍ଡ ଆପେୟାର୍ସ ବ୍ରେସଲେଟ୍ ମାଗଣାରେ ମିଳୁଛି।

## ଅଜିମ ପ୍ରେମଜୀ ଫାଉଣ୍ଡେସନ ଦିଲ୍ଲୀ (ଏନସିଟି)ରେ ୨୦,୦୦୦ ବାଳିକାଙ୍କୁ ସ୍କଲାରସିପ୍ ପ୍ରଦାନ

**ନୂଆଦିଲ୍ଲୀ, ୨୬।୮ (ନି.ପ୍ର) :** ଅଜିମ ପ୍ରେମଜୀ ଫାଉଣ୍ଡେସନ ଦିଲ୍ଲୀ (ଏନସିଟି) ନିମନ୍ତେ ଅଜିମ ପ୍ରେମଜୀ ସ୍କଲାରସିପ୍ (ବୃତ୍ତି) ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହି ବୃତ୍ତି ଦିଲ୍ଲୀରେ ଚଳିତ ବର୍ଷ ୨୦,୦୦୦ ବାଳିକାଙ୍କୁ ସେମାନଙ୍କର ଉଚ୍ଚଶିକ୍ଷା ଜାରି ରଖିବା ନିମନ୍ତେ ସମର୍ଥନ ଯୋଗାଇଦେବ। ପ୍ରତ୍ୟେକ ମନୋନୀତ ଛାତ୍ରୀଙ୍କୁ କଲେଜରେ ପ୍ରଥମ ବର୍ଷରୁ ସେ ତାଙ୍କର ଅଣ୍ଡରଗ୍ରାଜୁଏଟ ଡିଗ୍ରୀ ଅଥବା ଡିପ୍ଲୋମା ସମ୍ପୂର୍ଣ୍ଣ କରିବା ପର୍ଯ୍ୟନ୍ତ ବର୍ଷକୁ ୩୦,୦୦୦ ଟଙ୍କା ମିଳିବ। ପାଠ୍ୟକ୍ରମର ଅବଧି ଦୁଇରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ସମୟ ଉପରେ ନିର୍ଭର କରି ଜଣେ ଛାତ୍ରୀ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃତ୍ତି ପାଇପାରିବେ। ଏହି ବୃତ୍ତି ଅର୍ଥକୁ କଲେଜ ଦେୟ ପୈଠ ଏବଂ ଅନ୍ୟାନ୍ୟ ଶିକ୍ଷା ସମ୍ପର୍କିତ ଖର୍ଚ୍ଚ ନିମନ୍ତେ ବ୍ୟବହାର କରାଯାଇପାରିବ। ୨୦୨୪ରେ ପ୍ରଚଳନ କରାଯାଇଥିବା ଏହି ବୃତ୍ତି ସମ୍ପ୍ରତି ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ, ଦିଲ୍ଲୀ (ଏନସିଟି), ଝାଡଖଣ୍ଡ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ପୁଡୁଚେରୀ, ରାଜସ୍ଥାନ,




ସିକ୍କିମ, ତେଲେଙ୍ଗାନା, ତ୍ରିପୁରା, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଆଦି ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଯେକୌଣସି ସ୍ଥାନରେ ସେମାନଙ୍କର ସ୍କୁଲ ଶିକ୍ଷା ସମାପ୍ତ କରିଥିବା ବାଳିକାମାନଙ୍କ ନିମନ୍ତେ ଉନ୍ମୁକ୍ତ ହୋଇଛି। ଏଥିପାଇଁ ଯୋଗ୍ୟ ବିବେଚିତ ହେବା ସକାଶେ ଜଣେ ଛାତ୍ରୀ ଉପରୋକ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟରୁ ୧୦ମ ଓ ୧୨ଶ ଶିକ୍ଷା ସମ୍ପୂର୍ଣ୍ଣ କରିଥିବେ ଏବଂ ଭାରତର ଯେକୌଣସି ସ୍ଥାନରେ ଏକ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଅଣ୍ଡର ଗ୍ରାଜୁଏଟ ଡିଗ୍ରୀ ଅଥବା ଡିପ୍ଲୋମା ପାଠ୍ୟକ୍ରମର ପ୍ରଥମ ବର୍ଷରେ ନାମ ଲେଖାଇଥିବେ। ଫାଉଣ୍ଡେସନ ସମଗ୍ର ଭାରତରେ ପ୍ରତି ବର୍ଷ ୫ ଲକ୍ଷ ପର୍ଯ୍ୟ' ବାଳିକାଙ୍କୁ ସମର୍ଥନ ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ଅଧିକାଂଶ ଅଣ୍ଡରଗ୍ରାଜୁଏଟ ପାଠ୍ୟକ୍ରମ ପ୍ରାୟ ତିନିବର୍ଷ ଅବଧି ବିଶିଷ୍ଟ ହୋଇଥିବା ଏବଂ ଛାତ୍ରୀମାନେ ସେମାନଙ୍କ ସମୁଦାୟ ପାଠ୍ୟକ୍ରମ ଅବଧିରେ ବୃତ୍ତି ପାଉଥିବାରୁ ପ୍ରାୟ ୧୫ ଲକ୍ଷ ବାଳିକା ଯେକୌଣସି ପ୍ରଦତ୍ତ ସମୟରେ ଅଜିମ ପ୍ରେମଜୀ ସ୍କଲାରସିପ୍ କାର୍ଯ୍ୟକ୍ରମରେ ସକ୍ରିୟ ରହୁଥାଇପାରନ୍ତି। ୨୦୨୪ରେ ଏହି ବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ୧.୯ ଲକ୍ଷରୁ ଅଧିକ ବାଳିକା ସମର୍ଥନ ପାଇସାରିଛନ୍ତି। ଅଜିମ ପ୍ରେମଜୀ ସ୍କଲାରସିପ୍ ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବରେ ଅନ୍‌ଲାଇନରେ ପରିଚାଳିତ ଏବଂ ମାଗଣା ଅଟେ। ଆବେଦନପତ୍ରଗୁଡିକୁ କେବଳ ଅଜିମ ପ୍ରେମଜୀ ଫାଉଣ୍ଡେସନର ବୈଧ ୱେବସାଇଟ ଜରିଆରେ ଦାଖଲ କରାଯାଇପାରିବ। ଅନୁରାଗ ବେହାର୍, ଅଜିମ ପ୍ରେମଜୀ ଫାଉଣ୍ଡେସନ କହିଥିଲେ, 'ଆମ ଦେଶର ଭବିଷ୍ୟତ ଏବଂ ଆମ ସମାଜର କଲ୍ୟାଣ କ୍ଷେତ୍ରରେ ବାଳିକାମାନଙ୍କର ବୃହତ୍ତର ପ୍ରଭାବ ରହିବ, ଯାହା ଜନସଂଖ୍ୟାର ଯେକୌଣସି ବର୍ଗଠାରୁ ଅଧିକ। ତେଣୁ ଆମେ ସେମାନଙ୍କ ପାଇଁ ସବୁ କ୍ଷେତ୍ରରେ ସମାନ ସୁଯୋଗ ସୁନିଶ୍ଚିତ କରିବାକୁ ହେବ। ଏହି କ୍ଷେତ୍ରଗୁଡିକ ମଧ୍ୟରେ ଉଚ୍ଚ ଶିକ୍ଷା ଅନ୍ୟତମ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ, ଏହା ଆଜୀବନ ସଶକ୍ତିକରଣର ଏକ ସୁଗମକାରୀ ଅଟେ। ଆମର ବୃତ୍ତି ବାଳିକାମାନେ ଉଚ୍ଚ ଶିକ୍ଷା ହାସଲ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା କେତେକ ପ୍ରତିବନ୍ଧକ ଦୂର କରିବା ନିମନ୍ତେ ପ୍ରତ୍ୟକ୍ଷ ଭାବରେ ପ୍ରୟାସ କରୁଛି।

## ନୋଭା ୨ ପାୱାର୍‌ର ଘୋଷଣା କରିଛି ଏଆଇ+ ସ୍ମାର୍ଟଫୋନ

**ଭୁବନେଶ୍ୱର, ୨୬।୮ (ନି.ପ୍ର) :** ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ପ୍ରୋଜେକ୍ଟ ଓପନ ରିଭ୍ୟୁ ୨.୦ ମାଧ୍ୟମରେ ଏହାର ନୋଭା ୨ ସିରିଜରେ ନୂତନ ସ୍ମାର୍ଟଫୋନ ନୋଭା ୨ ପାୱାର୍‌ର ଘୋଷଣା କରାଯାଇଛି। ପ୍ରୋଜେକ୍ଟ ଓପନ ରିଭ୍ୟୁ ୨.୦ ଏହାର ବଜାର ଡେବ୍ୟୁ ପୂର୍ବରୁ ଡିଭାଇସର ଡିଜାଇନ, କଲର ଓ ଚିପ୍‌ସେଟକୁ ଉନ୍ମୋଚନ କରିଛି। ଏହି କାର୍ଯ୍ୟକ୍ରମ




ଉପଭୋକ୍ତାଙ୍କ ନିକଟରେ ପହଂଚିବା ପୂର୍ବରୁ ନୋଭା ୨ ପାୱାରକୁ ସ୍ୱାଧୀନ ଭାବେ ପରୀକ୍ଷଣ କରିବା ପାଇଁ ସମୀକ୍ଷକ, କ୍ରିଏଟର, ସାମ୍ବାଦିକ, ଟେକ୍ନୋଲୋଜି ଉତ୍ସାହୀ ଓ ଏଥିକାଲ ହ୍ୟାକରମାନଙ୍କୁ ଆମନ୍ତ୍ରଣ କରିଛି। ୭୦୦ରୁ ଅଧିକ ପୀକରଣ ହାସଲ କରିଥିବା ପ୍ରୋଜେକ୍ଟ ଓପନ ରିଭ୍ୟୁର ପ୍ରଥମ ସଂସ୍କରଣ ଉପରେ ଆଧାରିତ, ଓପନ ରିଭ୍ୟୁ ୨.୦ ପ୍ରଥମ ଥର ପାଇଁ ଏଥିକାଲ ହ୍ୟାକରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଅଂଶଗ୍ରହଣକୁ ବିସ୍ତାର କରିଛି। ନୋଭା ୨ ପାୱାରର ଡିଜାଇନକୁ ଦୁଇଟି ଡୁଆଲ କଲର ଫ୍ୟୁଜନ ଫିନିଶ, ଗୋଲ୍ଡେନ ବ୍ଲୁ ଫ୍ୟୁଜନ ଓ ବ୍ଲୁ ଫ୍ୟୁଜନ ମାଧ୍ୟମରେ ଆକର୍ଷଣୀୟ କରାଯାଇଛି। ନୋଭା ୨ ପାୱାର ମିଡିଆଟେକ ଡାଇମେନସିଟି ୭୧୦୦ ଉପରେ ପରିଚାଳିତ ଏବଂ ଏକ ୬ଏନଏମ ପ୍ରୋସେସ ଉପରେ ନିର୍ମିତ ଯାହାକୁ ସ୍ଥାୟୀ କାର୍ଯ୍ୟଦକ୍ଷତା ଓ ଶକ୍ତି ଦକ୍ଷତାର ଏକ ସନ୍ତୁଳନ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି।

ଏହି ଲଂଚ ଅବସରରେ ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିସ୍‌ର ପ୍ରତିଷ୍ଠାତା ଏବଂ ଏଆଇ+ ସ୍ମାର୍ଟଫୋନର ସିଇଓ ମାଧବ ସେଠ୍ କହିଛନ୍ତି, 'ନୋଭା ୨ ପାୱାର ନୋଭା ସିରିଜର ପରବର୍ତ୍ତୀ ବିବର୍ତ୍ତନର ପ୍ରତିନିଧିତ୍ୱ କରୁଛି ଯାହା କାର୍ଯ୍ୟଦକ୍ଷତା ଓ ଏକ ଡିଜାଇନ ପରିଚୟକୁ ଏକାଠି କରିଛି। ଡାଇମେନସିଟି ୭୧୦୦ ଏହାକୁ କାର୍ଯ୍ୟଦକ୍ଷତା ମୂଳଦୁଆ ପ୍ରଦାନ କରୁଥିବା ବେଳେ ଆମର ନୂତନ କଲର ଫ୍ୟୁଜନ ଫିନିଶ ଡିଭାଇସକୁ ବୈଶିଷ୍ଟ୍ୟତା ବାହାରେ ସ୍ୱତନ୍ତ୍ର ଉପସ୍ଥିତି ସୃଷ୍ଟି କରିବା ପାଇଁ ଅନୁମତି ଦେଉଛି। ଆମେ ଏହା ମଧ୍ୟ ବିଶ୍ୱାସ କରୁଛୁ ଯେ, ଏକ ଉତ୍ପାଦ ନିଜ ପାଇଁ ଉପଭୋକ୍ତା ହାସଲ କରିବା ପୂର୍ବରୁ ପ୍ରଥମେ ସେମାନଙ୍କର ବିଶ୍ୱାସ ଜିତିବା ଉଚିତ। ପ୍ରୋଜେକ୍ଟ ଓପନ ରିଭ୍ୟୁ ୨.୦ ସହିତ ଆମେ ନୋଭା ୨ ପାୱାରକୁ ଉପଭୋକ୍ତାଙ୍କ ନିକଟରେ ପହଂଚିବା ପୂର୍ବରୁ ପରୀକ୍ଷଣ କରିବା ପାଇଁ ରଖିଛୁ।'

## ଟିପିଏସ୍‌ଓଡିଏଲକୁ ସିଏସ୍‌ଆର୍ ଇମ୍ପ୍ୟାକ୍ଟ ଆୱାର୍ଡ ୨୦୨୬ରେ ସମ୍ମାନିତ

**ବ୍ରହ୍ମପୁର, ୨୬।୮ (ନି.ପ୍ର):** ଦକ୍ଷିଣ ଓଡ଼ିଶାରେ ଦୀର୍ଘସ୍ଥାୟୀ ପରିବର୍ତ୍ତନ ଆଣିବା ଦିଗରେ ନିରନ୍ତର ପ୍ରୟାସ ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ? (ଟିପିଏସ୍‌ଓଡିଏଲ)କୁ ସିଏସ୍‌ଆର୍ ଇମ୍ପ୍ୟାକ୍ଟ ଆୱାର୍ଡ ୨୦୨୬ ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଶା ସରକାରଙ୍କ ପବ୍ଲିକ୍ ଏଣ୍ଟରପ୍ରାଇଜ ବିଭାଗ ଓ ଓଡ଼ିଶା କର୍ପ ?ାରେଟ୍ ଫାଉଣ୍ଡେସନ୍ ଓ ଫ୍ରିଡମ୍ ଏଡୁ ମିଳିତ ଉଦ୍ୟମରେ ଏହି ପୁରସ୍କାର ସମାରୋହ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟସେବା, ଜୀବିକା, ଦକ୍ଷତା ବିକାଶ ଓ ସଂପ୍ରଦାୟ ସଶକ୍ତିକରଣ ଭଳି କ୍ଷେତ୍ରରେ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରୁଥିବା ହେତୁ ଟିପିଏସ୍‌ଓଡିଏଲ୍ କୁ ଏହି ସମ୍ମାନ ମିଳିଛି । ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଉଦ୍ ?ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ପବ୍ଲିକ୍ ଏଣ୍ଟରପ୍ରାଇଜ ବିଭାଗର କମିଶନର-ତଥା-ସଚିବ ଶ୍ରୀ ଏମ୍ ?.ଡି. ସାଦିକ୍ ? ଆଲମ୍ ?; ଫୁଲବାଣୀର ମାନ୍ୟବର ସାଂସଦ ଶ୍ରୀ ସୁକାନ୍ତ ପାଣିଗ୍ରାହୀ ଏବଂ ଯାଜପୁରର ମାନ୍ୟବର ସାଂସଦ ଶ୍ରୀ ରବୀନ୍ଦ୍ର ନାରାୟଣ ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଉଦ୍ ?ଯାପନୀ ଅଧିବେଶନରେ ରାଜ୍ୟସଭାର ମାନ୍ୟବର ସାଂସଦ ଶ୍ରୀ ସୁଜିତ କୁମାର ଟିପିଏସ୍‌ଓଡିଏଲର ସିଏସ୍‌ଆର୍ ବିଭାଗ ମୁଖ୍ୟ ଦିଲ୍ଲୀପ କୁମାର ସାହୁ ଓ ଟିମ୍ କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ନାଲକୋର ପୂର୍ବତନ ସି.ଏମ୍.ଡି ଶ୍ରୀ ତପନ ଚାନ୍ଦ,




ଗ୍ରୀଡକୋର ନିର୍ଦ୍ଦେଶକ(ଅର୍ଥ) ଶ୍ରୀ ଗଗନ ସ୍ୱାଇଁ ଏବଂ ସେଣ୍ଟର ଅଫ୍ କର୍ପ ?ାରେଟ୍ ଗଭର୍ଣ୍ଣାନ୍ସ, ସିଏସ୍‌ଆର୍ ଓ ସଷ୍ଟେନେବିଲିଟିର ଅଧକ୍ଷ ଶ୍ରୀ ଅରୁଣ ରଥଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସମ୍ମାନ ସମ୍ପର୍କରେ ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ଏହି ପୁରସ୍କାର ଆମ ଟିମ୍ ?, ସହଯୋଗୀ ସଂସ୍ଥା ଏବଂ ଆମ ସହ କାମ କରୁଥିବା ସମୁଦାୟର ମିଳିତ ପ୍ରୟାସର ସ୍ୱୀକୃତି। ଆମେ ବିଶ୍ୱାସ କରୁ ଯେ ଦାୟିତ୍ୱବୋଧର ପ୍ରକୃତ ମାପକ କେବଳ ପଦକ୍ଷେପରେ ନୁହେଁ, ବରଂ ଏହା ଲୋକଙ୍କ ଜୀବନରେ କେତେ ପରିବର୍ତ୍ତନ ଆଣିପାରିଛି ତାହା ଉପରେ ନିର୍ଭର କରେ । ଜୀବିକାକୁ ମଜବୁତ କରିବା, ସ୍ୱାସ୍ଥ୍ୟ ଓ ଶିକ୍ଷା ସେବାକୁ ଅଧିକ ସୁଲଭ କରିବା ଏବଂ ଅସୁରକ୍ଷିତ ବର୍ଗଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଆମ ପ୍ରୟାସ କ୍ରମାଗତ ଭାବେ ଅଧିକ ସଫଳ ହେଉଥିବା ଆମେ ଦେଖିପାରୁଛୁ । ଆମ ଉପଭୋକ୍ତା ପରିବାର ନିମନ୍ତେ ଏହି ପ୍ରଭାବକୁ ଆହୁରି ଗଭୀର ଓ ଦୀର୍ଘସ୍ଥାୟୀ କରିବା ଦିଗରେ ଆମେ କାର୍ଯ୍ୟ କରୁଛୁ ।"ଦକ୍ଷିଣ ଓଡ଼ିଶାରେ ବିଭିନ୍ନ ସଂପ୍ରଦାୟଗୁଡ଼ିକର ଆବଶ୍ୟକତାକୁ ନଜରରେ ରଖି ଟିପିଏସ୍‌ଓଡିଏଲ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଭ୍ରାମ୍ୟମାନ ଚିକିତ୍ସା କେନ୍ଦ୍ର ଭଳି କାର୍ଯ୍ୟକ୍ରମ ଦୁର୍ଗମ ଅଞ୍ଚଳର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଉଛି । ଏହା ସହିତ, ଲ୍ୟାବ୍-ଅନ୍-ହ୍ୱିଲ୍ସ ସୁବିଧା ମାଧ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷା, ପାଥୋଲୋଜିକାଲ୍ ଟେଷ୍ଟ, ଡାକ୍ତରୀ ପରାମର୍ଶ ଏବଂ ମାଗଣାରେ ଔଷଧ ପ୍ରଦାନ କରାଯାଉଛି। କମ୍ପାନୀ ଆଦିବାସୀ ବହୁଳ ଅଞ୍ଚଳରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ସହିତ ଧୂପକାଠି ଉତ୍ପାଦନ ଓ ବିକ୍ରୟ, ଧନ୍ଦାମୂଳକ ପ୍ରଶିକ୍ଷଣ, ଶେଫ୍ ପ୍ରଶିକ୍ଷଣ ଏବଂ ବ୍ୟୁଟି ଥେରାପି ପାଠ୍ୟକ୍ରମ ଭଳି ପଦକ୍ଷେପ ମାଧ୍ୟମରେ ଜୀବିକାର ସୁଯୋଗକୁ ସମର୍ଥନ କରୁଛି। 'ଅନୋଖା ଧାଗା' ମାଧ୍ୟମରେ ପାରମ୍ପରିକ କୌଶଳ ଓ ଜୀବିକା ସହ ଜଡ଼ିତ ସୁଯୋଗ ସୃଷ୍ଟି କରିବା ପାଇଁ ସମୁଦାୟଗୁଡ଼ିକୁ ସହାୟତା ଦିଆଯାଉଛି । କମ୍ପାନୀ ଯୁବପିଢ଼ିର କୌଶଳ ବିକାଶ ଏବଂ ନିଯୁକ୍ତି ଦିଗରେ ମଧ୍ୟ କାର୍ଯ୍ୟ କରୁଛି।

## ଭୁବନେଶ୍ୱରରେ ୩୦ ବର୍ଷରୁ ଅଧିକ ବୟସର ଦମ୍ପତିଙ୍କ ମଧ୍ୟରେ ବନ୍ଧ୍ୟାତ୍ୱ ଚିକିତ୍ସା ପାଇଁ ଆଗ୍ରହ ବୃଦ୍ଧି

**ଭୁବନେଶ୍ୱର, ୨୬।୮ (ନି.ପ୍ର) :** ବନ୍ଧ୍ୟାତ୍ୱ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତଙ୍କ ବୟସ ୩୫ ରୁ ୪୦ ବର୍ଷ ମଧ୍ୟରେ ରହିଛି ବୋଲି ଦର୍ଶାଇଛନ୍ତି ଭୁବନେଶ୍ୱରସ୍ଥିତ ନୋଭା ଆଇଭିଏଫ୍ ଫର୍ଟିଲିଟିର ବିଶେଷଜ୍ଞମାନେ । ଆର୍ଥିକ ଚିନ୍ତା, ସଚେତନତାର ଅଭାବ, ବନ୍ଧ୍ୟାତ୍ୱ ତଥା ଏହାର ଚିକିତ୍ସା ସମ୍ବନ୍ଧରେ ଥିବା ଭୁଲ ଧାରଣା, କିମ୍ବା ବିନା ଚିକିତ୍ସାରେ ପ୍ରାକୃତିକ ଭାବେ ଗର୍ଭଧାରଣ ହେବାର ଆଶା ଯୋଗୁଁ ଦମ୍ପତିମାନେ ୩୫ କିମ୍ବା ୪୦ ବର୍ଷ ପର୍ଯ୍ୟନ୍ତ ଚିକିତ୍ସା ନକରାଇ ଡେରି କରୁଛନ୍ତି । ଡାକ୍ତର ଗାୟତ୍ରୀ ଶତପଥୀ କହିଛନ୍ତି, 'ପିଲା ଜନ୍ମ କରିବା କ୍ଷେତ୍ରରେ ବୟସ ଗୁରୁତ୍ୱପୂର୍ଣ୍ଣ । ଦମ୍ପତିମାନେ ପରୀକ୍ଷା ନିରୀକ୍ଷା କରାଇବାରେ ଡେରି କରିବା ଉଚିତ ନୁହେଁ । ଜଣେ ବନ୍ଧ୍ୟାତ୍ୱ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାର ଅର୍ଥ ସିଧାସଳଖ ଆଇଭିଏଫ୍ ନୁହେଁ । ସମସ୍ୟାର ଯାଞ୍ଚ ଅନୁସାରେ, ଜୀବନଶୈଳୀରେ ପରିବର୍ତ୍ତନ, ଆଇୟୁଆଇ କିମ୍ବା ଆଇଭିଏଫ୍ ମାଧ୍ୟମରେ ଚିକିତ୍ସା କରାଯାଇପାରେ । ଏପରି ଭୁଲ ଧାରଣା ମଧ୍ୟ ରହିଛି ଯେ ଆଇଭିଏଫ୍ କଲେ ସବୁବେଳେ ଅନ୍ୟ କାହାର ଡିମ୍ବାଣୁ ବା ଶୁକ୍ରାଣୁ ବ୍ୟବହାର ହୁଏ ଏବଂ ଜନ୍ମ ହେବାକୁ ଥିବା ପିଲାଟି ସହ ବାପା-ମା'ଙ୍କର ବଂଶଗତ ସମ୍ପର୍କ ରହେନାହିଁ । ନୋଭା ଆଇଭିଏଫ୍ ଫର୍ଟିଲିଟିରେ ଚିକିତ୍ସା ସମ୍ଭବ ଥିଲେ ଆମେ ସେଲ୍ଫ-ସାଇକଲ୍ କରୁ, ଯେଉଁଥିରେ ଦମ୍ପତିଙ୍କ ନିଜସ୍ୱ ଅଣ୍ଡାଣୁ ଏବଂ ଶୁକ୍ରାଣୁ ହିଁ ବ୍ୟବହୃତ ହୋଇଥାଏ; ଅନ୍ୟପକ୍ଷରେ ଡୋନର ଚିକିତ୍ସା ଏକ ଅଲଗା ବିକଳ୍ପ, ଯାହା କେବଳ ଡାକ୍ତରୀ ଆବଶ୍ୟକତା ଥିଲେ ଏବଂ ଦମ୍ପତିଙ୍କ ସମ୍ପୂର୍ଣ୍ଣ ସମ୍ମତି ନେଇ ହିଁ କରାଯାଇଥାଏ ।'ଭୁବନେଶ୍ୱରସ୍ଥିତ ନୋଭା ଆଇଭିଏଫ୍ ଫର୍ଟିଲିଟିକୁ ଆସୁଥିବା ପ୍ରାୟ ୧୦ ରୁ ୧୫ ପ୍ରତିଶତ ରୋଗୀ ଅନ୍ୟ ସ୍ଥାନରେ


NOVA IVF FERTILITY
INDIA'S No.1 SELF-CYCLE EXPERT


ଆଇଭିଏଫ୍ ବିଫଳ ହେବା ପରେ ଏଠାକୁ ପରାମର୍ଶ ପାଇଁ ଆସୁଛନ୍ତି । ବାରମ୍ବାର ଗର୍ଭପାତ ହେବା ପରେ ମଧ୍ୟ ଅନେକ ଦମ୍ପତି ଏହି କ୍ଲିନିକକୁ ପରାମର୍ଶ ପାଇଁ ଆସୁଛନ୍ତି । ବିଶେଷଜ୍ଞଙ୍କ ଅନୁଯାୟୀ, ବାରମ୍ବାର ଗର୍ଭପାତ ହେବା ପଛରେ ବିଭିନ୍ନ କାରଣ ଥାଇପାରେ । ବନ୍ଧ୍ୟାତ୍ୱ ବିଶେଷଜ୍ଞଙ୍କ ମତରେ, ଆଇଭିଏଫ୍‌ର ସଫଳତା ଅନେକ ଗୁଡ଼ିଏ କାରଣ ଉପରେ ନିର୍ଭର କରେ ଏବଂ ଏହା କେବଳ ଭ୍ରୁଣର ଗୁଣବତ୍ତା ଉପରେ ସୀମିତ ନୁହେଁ । ଶୁକ୍ରାଣୁର ଗୁଣବତ୍ତା, ଭ୍ରୁଣର ବିକାଶ, ୟୁଟେରସର ପରିବେଶ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ଶାରୀରିକ ସ୍ଥିତି ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ବିଶେଷଜ୍ଞମାନେ ବାରମ୍ବାର ସମାନ ଉପାୟ ଆପଣେଇବା ଅପେକ୍ଷା ବିଫଳତାର ପ୍ରକୃତ କାରଣ ବୁଝିବା ପାଇଁ ପରାମର୍ଶ ଦିଅନ୍ତି । ଯେଉଁ ଦମ୍ପତିଙ୍କ କ୍ଷେତ୍ରରେ ମହିଳାଙ୍କ ବୟସ ୩୫ ବର୍ଷ ବା ତା'ଠାରୁ ଅଧିକ, ସେମାନେ ଛଅ ମାସ ଚେଷ୍ଟା କରି ମଧ୍ୟ ଗର୍ଭଧାରଣ କରିବାରେ ବିଫଳ ହେଲେ ବନ୍ଧ୍ୟାତ୍ୱ ପରୀକ୍ଷା କରାଇବା ଉଚିତ । ଅନ୍ୟପକ୍ଷରେ, ଯେଉଁଠି ମହିଳାଙ୍କ ବୟସ ୩୫ ବର୍ଷରୁ କମ୍, ସେମାନେ ୧୨ ମାସ ଯାଏଁ ସଫଳ ନ ହେଲେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ । ନୋଭା ଆଇଭିଏଫ୍ ଫର୍ଟିଲିଟିରେ ଚିକିତ୍ସା ଯୋଜନା ପ୍ରତ୍ୟେକ ଦମ୍ପତିଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସ୍ଥିତି ଉପରେ ଆଧାରିତ । ଏଠାରେ ଯଥାସମ୍ଭବ ଦମ୍ପତିଙ୍କ ନିଜସ୍ୱ ଅଣ୍ଡାଣୁ ଏବଂ ଶୁକ୍ରାଣୁ ବ୍ୟବହାର କରି ସେଲ୍ଫ-ସାଇକଲ୍ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଏ, ଯାହା ସଠିକ୍ ପରୀକ୍ଷା ନିରୀକ୍ଷା, ଉନ୍ନତ ଲାବୋରେଟୋରି ପଦ୍ଧତି ଏବଂ ବ୍ୟକ୍ତିଗତ ଡାକ୍ତରୀ ନିଷ୍ପତି ଦ୍ୱାରା ପରିଚାଳିତ ହୋଇଥାଏ ।

## ମୋଟର ଯାନ କ୍ଲେମ୍ସ୍ ସହଜ ଓ ଦ୍ରୁତତର ହେଲା: ପଲିସୀବଜାର୍‌ର ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ପଲିସୀଧାରକଙ୍କୁ ଆଶ୍ୱସ୍ତି ପ୍ରଦାନ

**ଭୁବନେଶ୍ୱର, ୨୬।୮ (ନି.ପ୍ର) :** ବିଳମ୍ବଜନିତ ଅସୁବିଧା, ବାରମ୍ବାର ଅନୁସରଣ, ସୂଚନାର ଅଭାବ ଏବଂ ମୋଟର ଯାନ ବୀମା ଦାବି (କ୍ଲେମ୍ସ୍) ସମୟରେ ଗ୍ୟାରେଜଗୁଡିକୁ ବାରମ୍ବାର ଗସ୍ତ କରିବା ଅସୁବିଧା ଦୂର କରିବାକୁ ପଲିସୀବଜାର ଆସୋର୍ଡ ଡେଲିଭରୀ ପ୍ରୋଗ୍ରାମ (ନିଶ୍ଚିତ ଯୋଗାଣ କାର୍ଯ୍ୟକ୍ରମ) ପ୍ରଚଳନ କରିଛି। ଏହି ସେବା ଅଧୀନରେ ପଲିସୀଧାରକମାନେ ଦାବି ପ୍ରକ୍ରିୟାକରଣ ସମୟରେ ଏକ ଉତ୍ସର୍ଗୀକୃତ ଯୋଗାଯୋଗକାରୀ ବ୍ୟକ୍ତିଙ୍କ ନିକଟରୁ ସହାୟତା, ଯାନବାହନ ମରାମତିର ସମୟବଦ୍ଧ ସମ୍ପୂର୍ଣ୍ଣ ହେବା ଗ୍ୟାରେଣ୍ଟି, ନଗଦ ଅର୍ଥ ବିହୀନ ଦାବି ସମାଧାନ, ମାଗଣା ପିକ୍-ଆଣ୍ଡ-ଡ୍ରପ୍ ସେବା ଏବଂ ମରାମତିର ଅଗ୍ରଗତି ସମ୍ପର୍କରେ ନିୟମିତ ତାଜା ତଥ୍ୟ ଗୋଟିଏ ସ୍ଥାନରେ ପାଉଛନ୍ତି। ଏଥିସହିତ ୫୦,୦୦୦ ଟଙ୍କାରୁ କମ୍ ମାମୁଲି ମରାମତିଗୁଡିକ ସାତଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଉଛି ଏବଂ ମରାମତି କରାଯାଇଥିବା ସମସ୍ତ ବୈଦ୍ୟୁତିକ (ଇଲେକ୍ଟ୍ରିକାଲ) ଏବଂ ଯାନ୍ତ୍ରିକ (ମେକାନିକାଲ) ଯନ୍ତ୍ରାଂଶ ଉପରେ ୱାରାଣ୍ଟି ଯୋଗାଇ ଦିଆଯାଉଛି; ଯାହା ସମୁଦାୟ ଦାବି ପ୍ରକ୍ରିୟାକୁ ଦ୍ରୁତତର, ଅଧିକ ସହଜ ଓ ଚାପ-ମୁକ୍ତ କରୁଛି। ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ପ୍ରାୟ ୨୦,୦୦୦ ଗ୍ରାହକଙ୍କୁ ଏକ ଉଚ୍ଚତର ଏବଂ ଭରସାଯୋଗ୍ୟ ଦାବି ସମାଧାନ ଅନୁଭୂତି ଯୋଗାଇ ଦେଇସାରିଛି। ଏହାର ସଫଳତା ଆଧାରରେ ପଲିସୀବଜାର ଏହି ସେବାର ପହଞ୍ଚ ୨୦୨୬ ଜାନୁଆରୀ ଶେଷ ସୁଦ୍ଧା ୨୦୦ ସହରକୁ ସମ୍ପ୍ରସାରିତ କରିଛି। କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମଗ୍ର ଦେଶରେ ପଲିସୀଧାରକମାନେ ଏବେ ସେମାନଙ୍କର ମୋଟର ବୀମା ଦାବିଗୁଡିକ ବିନା ବାଧା ଅଥବା ଅନିଶ୍ଚିତତାରେ ସମାଧାନ କରିବାକୁ ସକ୍ଷମ ହେବେ। ମୋଟର ବୀମା ଦାବିଗୁଡିକର ସମାଧାନ ଅଧିକ ସରଳ, ଅଧିକ ସ୍ୱଚ୍ଛ ଏବଂ ଗ୍ରାହକ-କୈନ୍ଦ୍ରିକ କରି ଗଢିତୋଳିବାକୁ କମ୍ପାନୀ ଏହି ପ୍ରୟାସକୁ ୨୦୨୪ରେ ଆରମ୍ଭ କରିଥିଲା। ଏହି କାର୍ଯ୍ୟକ୍ରମର ସର୍ବବୃହତ ବୈଶିଷ୍ଟ୍ୟ ହେଉଛି ଯେ, ପଲିସୀବଜାର ଜରିଆରେ ମୋଟର ବୀମା କ୍ରୟ କରୁଥିବା ଗ୍ରାହକମାନେ ଦାବି ସମାଧାନ ପ୍ରକ୍ରିୟା ସମୟରେ ଗ୍ୟାରେଜରେ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତିଙ୍କ ନିକଟରୁ ସହାୟତା ପ୍ରାପ୍ତ କରିବେ। ଏହି ବ୍ୟକ୍ତି ଗାଡି ପିକ୍‌ଅପ୍ ଠାରୁ ନେଇ ମରାମତି ସମ୍ପୂର୍ଣ୍ଣ ହେବା ଏବଂ ଦାବି ସମାଧାନର ଔପଚାରିକତା ଆଦି ସମୁଦାୟ ପ୍ରକ୍ରିୟା ସମୟରେ ଗ୍ରାହକଙ୍କ ସହିତ ରହିଥାନ୍ତି। ଗ୍ରାହକ ମଧ୍ୟ ମରାମତିର ଅଗ୍ରଗତି ଏବଂ ଦାବିର ସ୍ଥିତାବସ୍ଥା ସମ୍ପର୍କରେ ନିୟମିତ ତାଜା ତଥ୍ୟ ପାଇଥାନ୍ତି। ଯୋଗ୍ୟ ପଲିସୀଧାରକମାନେ ମଧ୍ୟ ଏହି କାର୍ଯ୍ୟକ୍ରମ ଅଧୀନରେ ମାଗଣା ପିକ୍-ଆଣ୍ଡ-ଡ୍ରପ୍ ସେବା ପାଇଥାନ୍ତି। ଏହା ଅର୍ଥ ଏକ ଦାବି କ୍ଷେତ୍ରରେ ଗାଡିକୁ ଗ୍ରାହକଙ୍କ ବାସଭବନ ଅଥବା କୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ନିଆଯିବା ସହିତ ମରାମତି ପରେ ନିରାପଦରେ ହସ୍ତାନ୍ତର କରାଯାଏ, ଏବଂ ଏହାଦ୍ୱାରା ଗ୍ରାହକମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ତାହା ସୁନିଶ୍ଚିତ କରାଯାଇଥାଏ। ପଲିସୀବଜାର ଜରିଆରେ ମୋଟର ଯାନ ବୀମା କ୍ରୟ କରିଥିବା ଗ୍ରାହକମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଭାବରେ ଉଦ୍ଦିଷ୍ଟ। ସ୍ୱଳ୍ପ କାଳ ମଧ୍ୟରେ ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ନିଜକୁ ଏକ ସୁଗମ, ନିର୍ଭରଯୋଗ୍ୟ ଏବଂ ସ୍ୱଚ୍ଛ ଦାବି ସମାଧାନର ମାନକ (ବେଞ୍ଚମାର୍କ) ଭାବରେ ପ୍ରତିଷ୍ଠିତ କରାଇଛି। ସନ୍ଦୀପ ସରାଫ, ବିଜିନେସ୍ ହେଡ, ମୋଟର ଇନ୍‌ସ୍ୟୁରାନ୍ସ ରିନିୱାଲ ଆଣ୍ଡ କଷ୍ଟମର୍ ଏକ୍ସପେରିଏନ୍ସ, ପଲିସୀବଜାର ଡଟ୍ କମ୍ କହିଥିଲେ, 'ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ୨୦୦ ସହରକୁ ସମ୍ପ୍ରସାରିତ କରାଯିବା ମୋଟର ଯାନ ବୀମା ଦାବି ସମାଧାନକୁ ସରଳ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି। ଏହି ସେବା ମରାମତିରେ ବିଳମ୍ବ ଏବଂ ତାଜା ତଥ୍ୟର ଅଭାବ ଭଳି ସାଧାରଣ ସମସ୍ୟାଗୁଡିକ ପ୍ରତି ଦୃଷ୍ଟିଦେବା ନିମନ୍ତେ ଡିଜାଇନ କରାଯାଇଛି।

## ଏମ୍‌ବିଏରେ ନାମଲେଖା ପାଇଁ ସ୍ନାପରେ ଆବେଦନ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୨୬।୮ (ନି.ପ୍ର):** ସିମ୍ବାୟୋସିସ ଇଂଟରନ୍ୟାସନାଲ (ଡିମଡ ୟୁନିଭର୍ସିଟି) ପକ୍ଷରୁ ଏମ୍.ବି.ଏ. ଆଶାୟୀଙ୍କ ପାଇଁ ଜାତୀୟସ୍ତରୀୟ ପ୍ରବେଶିକା ପରୀକ୍ଷା ସିମ୍ବାୟୋସିସ ନ୍ୟାସନାଲ ଆପ୍ଟିଚ୍ୟୁଡ୍ ଟେଷ୍ଟ (ସ୍ନାପ ୨୦୨୬) ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛି। ପାଂଚ ଦଶନ୍ଧିରୁ ଅଧିକ ସମୟର ଶିକ୍ଷାଗତ ଉତ୍କର୍ଷତା ସହ ସିମ୍ବାୟୋସିସ ବିଶ୍ୱସ୍ତରୀୟ, ଶିଳ୍ପ-ଅନୁକୂଳ ଏବଂ ଗୁଣାତ୍ମକ ପରିଚାଳନା ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ପସନ୍ଦର ଅନୁଷ୍ଠାନ ଭାବେ ରହିଆସିଛି।

ସ୍ନାପ ୨୦୨୬ ପାଇଁ ପୀକରଣ ଓ ଫି' ପୈଠ ପ୍ରକ୍ରିୟା ୨୧ ଅଗଷ୍ଟ ୨୦୨୬ (ଶୁକ୍ରବାର)ଠାରୁ ଆରମ୍ଭ ହୋଇ ୨୫ ନଭେମ୍ବର ୨୦୨୬ରେ ଶେଷ ହେବ। କମ୍ପ୍ୟୁଟର-ଆଧାରିତ ପରୀକ୍ଷା (ସିବିଟି) ତିନୋଟି ତାରିଖରେ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ସର୍ବାଧିକ ତିନିଥର ପରୀକ୍ଷା ଦେଇପାରିବେ ଏବଂ ନାମଲେଖା ପ୍ରକ୍ରିୟାରେ ସର୍ବୋତ୍ତମ ସ୍କୋରକୁ ବିଚାର କରାଯିବ। ପରୀକ୍ଷା ତାରିଖ: ସ୍ନାପ ପରିକ୍ଷା ନିମ୍ନ ତାରିଖ ଗୁଡିକରେ ୧୩ ଡିସେମ୍ବର ୨୦୨୬ (ରବିବାର), ୧୯ ଡିସେମ୍ବର ୨୦୨୬ (ଶନିବାର. ୨୬ ଡିସେମ୍ବର ୨୦୨୬ (ଶନିବାର) ଅନୁଷ୍ଠିତ ହୋଇ ୧୨ ଜାନୁଆରୀ ୨୦୨୭ (ମଙ୍ଗଳବାର) ଫଳାଫଳ ପ୍ରକାଶ ପାଇବ। ସ୍ନାପ ୨୦୨୬ ଦେଶର ୭୯ଟି ସହରରେ ଅନୁଷ୍ଠିତ ହେବ। ପରୀକ୍ଷାରେ ଅବଜେକ୍ଟିଭ୍ ପ୍ରକାରର ପ୍ରଶ୍ନ ରହିବ ଏବଂ ପ୍ରତ୍ୟେକ ପ୍ରଶ୍ନର ଚାରିଟି ଉତ୍ତର ବିକଳ୍ପ ରହିବ। ପ୍ରତ୍ୟେକ ଭୁଲ ଉତ୍ତର ପାଇଁ ୨୫% ନେଗେଟିଭ୍ ମାର୍କିଂ ରହିବ। ପ୍ରତିଥର ସ୍ନାପ ପରୀକ୍ଷା ପାଇଁ ପୀକରଣ ଫି' ୨୫୫୦ ଟଙ୍କା ଥିବାବେଳେ ପ୍ରତ୍ୟେକ ପ୍ରୋଗ୍ରାମ୍ ପାଇଁ ଅତିରିକ୍ତ ୧୦୦୦ ଟଙ୍କା ଦେବାକୁ ପଡ଼ିବ। ଚୂଡ଼ାନ୍ତ ଚୟନ ବା ମେରିଟ୍ ତାଲିକା ଏକ ସମନ୍ୱିତ ସ୍କୋର ଆଧାରରେ ପ୍ରସ୍ତୁତ ହେବ। ସ୍ନାପ ସ୍କୋର - ୫୦ ମାର୍କ, ଗ୍ରୁପ୍ ଏକ୍ସରସାଇଜ୍ - ୧୦ ମାର୍କ, ପର୍ସନାଲ୍ ଇଂଟରାକ୍ସନ୍ - ୪୦ ମାର୍କ ଏବଂ ମୋଟ - ୧୦୦ ମାର୍କ ରହିବ। ଆବେଦନ ପାଇଁ ପ୍ରାର୍ଥୀଙ୍କ ପାଖରେ ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟ/ଜାତୀୟ ଗୁରୁତ୍ୱର ଅନୁଷ୍ଠାନରୁ ସର୍ବନିମ୍ନ ୫୦% ମାର୍କ ସହ ସ୍ନାତକ ଡିଗ୍ରୀ ଥିବା ଆବଶ୍ୟକ। ଏସି/ଏଟି ପ୍ରାର୍ଥୀଙ୍କ ପାଇଁ ଏହି ଯୋଗ୍ୟତା ୪୫%। ବିଦେଶୀ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କୁ ଆଶୋସିଏସନ ଅଫ ଇଣ୍ଡିଆନ ୟୁନିଭରସିଟିଜ (ଏଆଇୟୁ) ପକ୍ଷରୁ ସମକକ୍ଷତା ପ୍ରମାଣପତ୍ର ହାସଲ କରିବାକୁ ପଡ଼ିବ। ଆବେଦନ ପୂର୍ବରୁ ପ୍ରାର୍ଥୀମାନେ ସମ୍ପୃକ୍ତ ପ୍ରୋଗ୍ରାମର ନିର୍ଦ୍ଦିଷ୍ଟ ଯୋଗ୍ୟତା ଅଫିସିଆଲ୍ ୱେବସାଇଟରେ ଯାଂଚ କରିବାକୁ କୁହାଯାଇଛି। ସିମ୍ବାୟୋସିସ ଇଂଟରନ୍ୟାସନାଲ (ଡିମଡ ୟୁନିଭର୍ସିଟି)ର ଭାଇସ୍ ଚାନସେଲର ଡ. ରାମକୃଷ୍ଣନ ରମଣ କହିଛନ୍ତି, 'ସ୍ନାପ ସିମ୍ବାୟୋସିସର ପ୍ରତିଷ୍ଠିତ ଏମ୍.ବି.ଏ. ପ୍ରୋଗ୍ରାମଗୁଡ଼ିକର ପ୍ରବେଶଦ୍ୱାର ଭାବେ ନିଜର ଗୁରୁତ୍ୱ ବଜାୟ ରଖିଛି। ୨୦୨୬ ଚକ୍ର ପାଇଁ ଆବେଦନ ଆରମ୍ଭ କରି ଆମେ ଆନନ୍ଦିତ। ସମସ୍ତ ଆଶାୟୀଙ୍କୁ ଶୀଘ୍ର ପ୍ରସ୍ତୁତି ଆରମ୍ଭ କରି ବିଶ୍ୱସ୍ତରରେ ପ୍ରତିଷ୍ଠିତ ଆମ ଅନୁଷ୍ଠାନଗୁଡ଼ିକର ଅଂଶ ହେବା ଦିଗରେ ପରବର୍ତ୍ତୀ ପଦକ୍ଷେପ ନେବାକୁ ଆମେ ଉତ୍ସାହିତ କରୁଛୁ। ସ୍ନାପ ପରୀକ୍ଷା ମାଧ୍ୟମରେ ଏସଆଇବିଏମ ପୁନେ, ଏସଆଇସିଏସଆର, ଏସସିଏମଏଚଆରଡି, ଏସଆଇଆଇବି, ଏସଆଇଡିଟିଏମ, ଏସଆଇଏମଏସ, ଏସଆଇଏମସି, ଏସଆଇଓଏମ, ଏସିଆଇଟି, ଏସଆଇଏଚଏସ, ଏସଆଇବିଏମ ବେଙ୍ଗାଲୁରୁ, ଏସଏସବିଏଫ,ଏସଆଇବିଏମ ହାଇଦ୍ରାବାଦ, ଏସଏସଏସଏସ, ଏସଆଇବିଏମ ନାଗପୁର, ଏସଆଇବିଏମ ନୋଇଡା ଏବଂ ଏସଏସସିଏଏନର ବିଭିନ୍ନ ଏମ୍.ବି.ଏ. ପ୍ରୋଗ୍ରାମରେ ନାମଲେଖାର ସୁଯୋଗ ମିଳିବ। ଏହି ପ୍ରୋଗ୍ରାମଗୁଡ଼ିକରେ କୃତ୍ରିମ ବୁଦ୍ଧିମତା (ଏଆଇ), ଆନାଲିଟିକ୍ସ, ହେଲ୍ଥକେୟାର ମ୍ୟାନେଜମେଂଟ, ବ୍ୟାଙ୍କିଂ ଓ ଫାଇନାନ୍ସ, ହସ୍ପିଟାଲିଟି ମ୍ୟାନେଜମେଂଟ, ଅପରେସନ୍ସ, ଡାଟା ସାଇନ୍ସ ଏବଂ ଆଇଟି ମ୍ୟାନେଜମେଂଟ ଭଳି ବିଭିନ୍ନ ବିଶେଷାଙ୍ଗ ରହିଛି।

## କୋଟାକ ବିଜ୍‌ଲାବ୍ସ ତୃତୀୟ ସଂସ୍କରଣ ଜାତୀୟ ସ୍ତରରେ ପ୍ରସାରିତ

**ମୁମ୍ବାଇ, ୨୬।୮ (ନି.ପ୍ର):** କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼ ('କେଏମବିଏଲ'/'କୋଟାକ୍') ଆଜି ପାରମ୍ଭିକ ଅବସ୍ଥାରେ ରାଜସ୍ୱ ଅର୍ଜନ କରୁଥିବା ଏହାର ଷ୍ଟାର୍ଟଅପ ଗୁଡ଼ିକ ପାଇଁ ପ୍ରମୁଖ ସିଏସଆର ପଦକ୍ଷେପ କୋଟାକ୍ ବିଜ୍‌ଲାବ ଆକ୍ସିଲରେଟର କାର୍ଯ୍ୟକ୍ରମ ତୃତୀୟ ସଂସ୍କରଣର ଘୋଷଣା କରିଛି। ଏହି ତୃତୀୟ ସଂସ୍କରଣ ଅଗଷ୍ଟ ୨୦୨୬ରୁ ଅକ୍ଟୋବର ୨୦୨୭ ପର୍ଯ୍ୟ' ଚାଲିବ ଏବଂ ସାରା ଭାରତରେ ରହିଥିବା ଏହାର ୧୦୦ରୁ ଅଧିକ ଷ୍ଟାଟଅପକୁ ମାର୍ଗଦର୍ଶନ ଇକୋସିଷ୍ଟମ ଗ୍ରହଣକାରୀତା ଏବଂ ଅନୁଦାନ ସହାୟତା ମାଧ୍ୟମରେ ସହଯୋଗ କରିବ।

ଏହି ତୃତୀୟ ସଂସ୍କରଣରେ ୫ଟି ଇନକ୍ୟୁବେସନର ସହଯୋଗୀ ଏକାଠି ହୋଇଛନ୍ତି ଯାହା ମଧ୍ୟରେ ରହିଛି: ଆଇଆଇଏମ କଲିକତା ଇନୋଭେସନ ପାର୍କ, ସିଆଇଆଇଇ ଇନିସିଏଟିଭ (ଆଇଆଇଏମଏ ଭେନଚ୍ୟୁଅର), ଆଇଆଇଏମ ବାଙ୍ଗାଲୁରଠାରେ ଅବସ୍ଥାପିତ ଆଇଆଇଏମବିଆଇ/ଏନଏସଆରସିଇଏଲ, ଟି-ହବ ଏବଂ ଆଇଆଇଟି ଦିଲ୍ଲୀଠାରେ ଅବସ୍ଥାପିତ ଏଫଆଇଟିଟି। ଏହାର ଶୁଭାରମ୍ଭ ପରଠାରୁ, କୋଟାକ୍ ବିଜଲାବ୍ସ ଆକ୍ସିଲରେଟର ବା ତ୍ୱରାନ୍ୱିତ ପ୍ରୋଗ୍ରାମ ସମଗ୍ର ଭାରତରେ ରହିଥିବା ଷ୍ଟାର୍ଟଅପଗୁଡ଼ିକ ଠାରୁ ୪,୫୦୦ରୁ ଅଧିକ ଆବେଦନ ପାଇଛି ଯାହା ମଧ୍ୟରୁ ୧୨୫ରୁ ଅଧିକ ଉଚ୍ଚ ସମ୍ଭାବନାସମ୍ପନ୍ନ ଉଦ୍ୟୋଗକୁ ଏହା ତ୍ୱରାନ୍ୱିତ କରିଛି ଏବଂ ୧୦୦ରୁ ଅଧିକ ଷ୍ଟାର୍ଟଅପକୁ ଏହା ଅନୁଦାନ ପ୍ରଦାନ କରିଛି। 'ତୃତୀୟ ସଂସ୍କରଣ ଉଚ୍ଚମାନର ସହାୟତାକୁ ସେହି ଅଂଚଳଗୁଡ଼ିକୁ ନେଇଯାଇଥାଏ, ଯେଉଁଠାରେ ପ୍ରତିଶ୍ରୁତିବଦ୍ଧ ଉଦ୍ୟୋଗୀମାନେ ପ୍ରାୟତଃ ରହିଥିବା ଇକୋସିଷ୍ଟମ ସହାୟତାର ସୁବିଧା ପାଇପାରନ୍ତି ନାହିଁ।




ଆଇଆଇଏମ କଲିକତା ଇନୋଭେସନ ପାର୍କ ସହିତ ଆମର ସହଭାଗୀତା ପୂର୍ବ ଏବଂ ଉତର-ପୂର୍ବ ଭାରତରେ ରହିଥିବା ଆମର ଉପସ୍ଥିତିକୁ ବିସ୍ତାରିତ କରିଛି ଏବଂ କୋଟାକ୍ ବିଜ୍‌ଲାବ୍ସକୁ ଆଂଚଳିକ ଷ୍ଟାର୍ଟଅପ ହବଗୁଡ଼ିକର ଏକ ବ୍ୟାପକ ନେଟୱାର୍କ ସହିତ ଏହାକୁ ଯୋଡ଼ିଥାଏ। ଆମର ଲକ୍ଷ୍ୟ ହେଉଛି, ଭାଗ ନେଉଥିବା ପ୍ରତ୍ୟେକ ଷ୍ଟାର୍ଟଅପକୁ ଏହାର ପରବର୍ତି ପଦକ୍ଷେପ ନେବା ପାଇଁ ଆବଶ୍ୟକ ହେଉଥିବା ମାର୍ଗଦର୍ଶନ, ନେଟୱାର୍କ ଏବଂ ପାଣ୍ଠି ସହାୟତା ଯୋଗାଇଦେବା' ହିମାଂଶୁ ନିଭସରକାର, ମୁଖ୍ୟ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ, ସିଏସଆର ଓ ଇଏସଜି ମତବ୍ୟକ୍ତ କରି କହିଛନ୍ତି। କୋଟାକ୍ ବିଜଲାବ୍ସ ଆକ୍ସିଲରେଟର ପ୍ରୋଗ୍ରାମ ହେଉଛି କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼ର ଏକ ସିଏସଆର ପଦକ୍ଷେପ। ତୃତୀୟ ସଂସ୍କରଣ ପାଇଁ ଆବେଦନଗୁଡ଼ିକ ବର୍ତ୍ତମାନ ଡ଼ିପିଆଇଆଇଟି ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପଗୁଡ଼ିକ ପାଇଁ ଖୋଲା ରହିଛି। ଯୋଗ୍ୟ ଷ୍ଟାର୍ଟଅପଗୁଡ଼ିକ କୋଟାକ୍ ବିଜଲାବ୍ସ ତୃତୀୟ ସଂସ୍କରଣ ଆବେଦନପତ୍ର ମାଧ୍ୟମରେ ଏହାକୁ ଆବେଦନ କରିପାରିବେ।

